READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୪୪ ୧୬ - ୨୨ ନଭେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-44 16th - 22nd NOVEMBER, 2020 BHUBANESWAR ₹ 5/- (8 Pages)

## ଐତିହ୍ୟ କରିଡର ବିକାଶ ପାଇଁ ପୁରୀକୁ ୪୬୧ କୋଟି

**ଭୁବନେଶ୍ୱର :** କ୍ୟାବିନେଟ ବୈଠକରେ ଅବଢ଼ା ଯୋଜନା ମାଧ୍ୟମରେ ପୁରୀର ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ୍ କମ୍ପ୍ଲେକ୍ସ, ଶ୍ରୀ ସେତୁ ସହିତ ମୂଷା ନଦୀର ସମ୍ପ୍ରସାରଣ ସହ ବିକାଶ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏଥିପାଇଁ



ମୋଟ ୪୬୧ କୋଟି ୨୫ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିବା ବେଳେ ଏ ସମସ୍ତ କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ପୁରୀ ମନ୍ଦିର ଚର୍ତୁପାର୍ଶ୍ୱସ୍ଥ ଐତିହ୍ୟ କରିଡର ନିମନ୍ତେ ଅଧିକୃତ ସମସ୍ତ ସରକାରୀ ଜମି ଓ ଅଧିଗୃହିତ ଜମିକୁ ପ୍ରଭୁ ଶ୍ରୀଜଗନ୍ନାଥବିଜେ, ପୁରୀ ମାର୍ଫତ୍- ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ବିନା ମୂଲ୍ୟରେ ହସ୍ତାନ୍ତର ଏବଂ ରେକର୍ଡ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୧୯୫୦ଠାରୁ ୨୦୧୧ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୨୧୪ଟି ବିନିଯୋଗ ଅଧିନିୟମକୁ ରଦ୍ଦ କରିବା ପାଇଁ ଆଇନ୍ ବିଭାଗ ଦେଇଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଉକ୍ତ ଆଇନ୍‌ଗୁଡ଼ିକ ଏବେ ଅପ୍ରାସଙ୍ଗିକ ତଥା ଅକାମୀ ହୋଇଯାଇଥିବା ହେତୁ ସେଗୁଡ଼ିକୁ ➤ ପୃ-୬

## ‘ଯବାନଙ୍କ ବଳିଦାନ ଦେଶକୁ ଶୃଙ୍ଖଳା ଶିଖାଇବ’

**ନୂଆଦିଲ୍ଲୀ :** ପ୍ରତିଥର ଭଳି ଏଥର ମଧ୍ୟ ଦେଶର ବୀର ଯବାନଙ୍କ ସହ ଆଲୋକର ପର୍ବ ଦୀପାବଳି ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜସ୍ଥାନର ଜୈସଲମେର ସ୍ଥିତ ଲୋଙ୍ଗେୱାଲା ପୋଷ୍ଟରେ ମୋଦି ପହଞ୍ଚି ଯବାନଙ୍କ ସହ ଦୀପାବଳି ପାଳିଛନ୍ତି। ଏହି ସମୟରେ ସେ ଦେଶ ପାଇଁ ବଳିଦାନ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପାକିସ୍ତାନ ଓ ଚୀନ୍‌କୁ କଡା ➤ ପୃ-୬



## କରୋନା ସମୟରେ କୃଷି ହିଁ ଆମ ଅର୍ଥନୀତି ପାଇଁ ବଡ ଆଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି କାର୍ଯ୍ୟକ୍ରମ ଅଧିନରେ କୃଷକ, କୃଷି କର୍ମଚାରୀମାନଙ୍କ ପାଇଁ କୃଷକ ଡାଟାବେସ୍‌ଏ କୃଷିସାମଗ୍ରୀ ବିକ୍ରେତାମାନଙ୍କ ପାଇଁ ଅନ୍‌ଲାଇନ୍ ଲାଇସେନ୍ସ ପ୍ରଦାନ, ଦକ୍ଷ କର୍ମଚାରୀମାନଙ୍କ ପାଇଁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆଦି ବିଭିନ୍ନ ଅନ୍‌ଲାଇନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୃଷକ ଓଡ଼ିଶାରେ ଆମର ୭୬ଲକ୍ଷ ଚାଷୀ ଭାଇଭଉଣୀମାନଙ୍କ ଡାଟାବେସ୍ ରଖାଯିବା ବହୁତ ଭଲ ଉଦ୍ୟମ। ➤ ପୃ-୬




## ବକ୍ରବାଣୀ



ବାଲେଶ୍ୱର ତିରିତୋଲ ସଇଲା
ପିପିଲିର ପାଳି ଏବେ ଆଇଲା
ଚାଲ ସେଠି ଏବେ ଏକାଠି ହବା
ଛୁଆ କାଖେଇକି ଦାଣ୍ଡେ ବୁଲିବା
ରୁଟି ବି ସେକିବା ଚାହା ପିଇବା
ଗରୀବ ପିଣ୍ଡାରେ ବସି ଖାଇବା
ସପନ ଦେଖେଇ ନାଟ କରିବା
ପିପିଲି ବିକାଶ କଥା କହିବା
ଗରୀବ ବୁଢ଼ାଟେ ଠିଆ କରିବା
ଧଳା ଲୁଗା ପିନ୍ଧି ରଥେ ବୁଲିବା।

—ଟୁଟୁ

### ୭୮ବର୍ଷ ପରେ ବଦଳିଲା ଜେଲ୍ ନିୟମ

## ଦୋଷୀସାବ୍ୟସ୍ତ ମାସକୁ ୨ଥର ସମ୍ପର୍କୀୟଙ୍କୁ ଭେଟି ପାରିବେ

**ଭୁବନେଶ୍ୱର :** ଦୀର୍ଘ ୭୮ ବର୍ଷ ପରେ ଜେଲ ନିୟମରେ ପରିବର୍ତ୍ତନ ହୋଇଛି। ରାଜ୍ୟସରକାରଙ୍କ ଅନୁମୋଦନ ପରେ ନୂଆ ନିୟମ ଲାଗୁ କରାଯାଇଛି। ଏଣିକି ଜେଲ୍ ଗୁଡ଼ିକରେ ୬ ଜଣ କଏଦୀଙ୍କ ପାଇଁ ଜଣେ ସୁରକ୍ଷାକର୍ମୀ ନିୟୋଜିତ ହେବେ। ଜେଲ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି ନୂଆ ମାନୁଆଲ କାର୍ଯ୍ୟକାରୀ ହୋଇଛି। ପୂର୍ବରୁ ଜେଲ୍ କଏଦୀଙ୍କ ପାଇଁ ୧୯୪୨ରେ ପ୍ରକାଶିତ ମାନୁଆଲକୁ ଅନୁସରଣ କରାଯାଉଥିଲା। ଏହି ମଡେଲ୍ ଜେଲ୍ ମାନୁଆଲ ତିଆରି କରିବା ପାଇଁ ୨୦୧୬-୧୭ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୬ଟି ବିଷୟକୁ ନେଇ ଏହି ନୂଆ ମାନୁଆଲ ତିଆରି କରାଯାଇଛି। ସେଗୁଡ଼ିକ ହେଲା କଏଦୀଙ୍କ ପ୍ରବେଶ ଓ ସେମାନଙ୍କ ଇତିହାସ, କଏଦୀଙ୍କ ବିଭାଜନ, ସିଭିଲ କଏଦୀ, ମାନସିକଗ୍ରସ୍ତ କଏଦୀ, ବିଚାରଧୀନ କଏଦୀ, କଏଦୀଙ୍କ ସମ୍ପତ୍ତି, ଅପରାଧ ଓ ଦଣ୍ଡ, କଏଦୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା, ସେଲ୍‌ରେ କଏଦୀଙ୍କ ସୁବିଧା, ବିଚାର ବିଭାଗୀୟ ସୁବିଧା, ଆବେଦନ ଓ ପିଟିସନ, ଡିଭିଜନ ୧ ଏବଂ ୨ ଓ ରାଜନୈତିକ କଏଦୀଙ୍କ ଚିକିତ୍ସା ପାଇଁ ନିୟମ, ଦୋଷୀସାବ୍ୟସ୍ତ ଅଫିସର, କୃଷି, ବଗିଚା ଓ ଡାଏରି, ଜେଲ୍‌ରେ ସାମାଜିକ କାମ ଓ ଅଫିସ ନିୟମ, ଆକାଉଣ୍ଟ୍ସ, ରେଜଷ୍ଟ୍ରାସ୍ ଏବଂ ଫର୍ମ ସମ୍ବନ୍ଧିତ ନେଇ ମାନୁଆଲ ପ୍ରକାଶ କରାଯାଇଛି। ମାନୁଆଲ ଅନୁସାରେ, କଏଦୀଙ୍କୁ ୩ ଭାଗରେ ବିଭକ୍ତ କରାଯାଇ ରଖାଯିବ। ସର୍କଲ ଜେଲ୍‌ରେ ୧୦୦୦ଜଣ, ଜିଲ୍ଲା ଜେଲ୍‌ରେ ୫୦୦ ଏବଂ ସବ୍-ଜେଲ୍‌ରେ ୩୦୦ଜଣ ➤ ପୃ-୬

Plot for Sale
in Bhubaneswar



Locality : Paikarapur, Ghatikia & Shankarpur

Please Contact :
Manoj Kumar Lenka
MANAGING DIRECTOR
9938373904

- Litigation free individual residential developed low budget plot for immediate sale.
- Ready for registration and possession individual stitiban different size plots available.
- All amenities like medical, educational and communication facilities available.
- Pollution free environment with healthy residential atmosphere.
- Both Out Ride and Bank Loan facility for purchase of plots also available.

Orisun Engineers Orissa Pvt. Ltd.
491/1, Maharishi College Road, Saheed Nagar,
Bhubaneswar, Odisha-751007, India




SAMPAT BUILDERS (P). LTD.
Real Value in a changing world

Services :
- Construct Housing, College & Restaurant
- Plotting in prime location in BBSR
- Architecture
- House Renovation
- BDA Approval
- Interior Design, Theme Restaurant

BUILDING
WE WORK FOR YOUR DREAM BUILDING AND HOUSES

CONSTRUCTION
WE WORK FOR YOUR DREAM BUILDING AND HOUSES



Experienced Architecture ad Engineers worked in USA, Phillipines - now in Odisha

WE BUILD YOUR DREAM

CALL US
+91 7008563281

Regd. Office :
A-67, BJB Nagar, (Near Badagada Market)
Bhubaneswar-751014, Odisha

OUR GOAL IS YOUR SATISFACTION

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ରାଜନୀତି କ୍ଷେତ୍ରରେ ସଫଳ ପାଇବେ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ।

**ମିଥୁନ** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**କର୍କଟ** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ସିଂହ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ବ୍ୟବସାୟରେ ଉନ୍ନତି ଲାଭ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ।

**କନ୍ୟା** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।


**ବିଛା** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ଧନୁ** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**କୁମ୍ଭ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ମୀନ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଚୀନ ଓ ପାକିସ୍ତାନକୁ ମୋଦୀଙ୍କ ସତର୍କବାଣୀ

# ‘ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତିକୁ ସମ୍ମାନ ଜଣାଅ’

**ନୂଆଦିଲ୍ଲୀ :** ନିକଟରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କୋଭିଡ ମହାମାରୀ ପରିପ୍ରେକ୍ଷୀରେ ଏହି ବୈଠକ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ହୋଇଥିବାବେଳେ ରୁଷ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ଏହାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ସମେତ ଅନ୍ୟ ପାଞ୍ଚଟି ରାଷ୍ଟ୍ରର ମୁଖ୍ୟ ଯୋଗଦେଇଥିଲେ। ଏହି ଅବସରରେ ଭାଷଣ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦୁଇ ପଡୋଶୀ ରାଷ୍ଟ୍ର ଚୀନ ଓ ପାକିସ୍ତାନକୁ ପରୋକ୍ଷରେ ଚେତାବନୀ ଶୁଣାଇଛନ୍ତି। ସଂଗଠନର ସଦସ୍ୟ ରାଷ୍ଟ୍ରମାନେ ଅନ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତିକୁ ସମ୍ମାନ ଜଣାଇବାକୁ ନିଜ ଭାଷଣରେ ମୋଦି ଉଲ୍ଲେଖ କରିଥିଲେ। ମୋଦିଙ୍କ ଏହି ଭାଷଣ ପରୋକ୍ଷରେ ଚୀନ ଓ ପାକିସ୍ତାନକୁ କଡା ଚେତାବନୀ ବୋଲି କୂଟନୈତିକ ମହଲ ମତବ୍ୟକ୍ତ କରିଛନ୍ତି। ପାକିସ୍ତାନ ବିଗତ କେତେ ଦଶନ୍ଧି ଧରି ନିୟନ୍ତ୍ରଣ ରେଖା ଅପରପାର୍ଶ୍ୱରୁ ଭାରତ ମାଟିରେ ଆତଙ୍କବାଦ କାର୍ଯ୍ୟକଳାପକୁ ନିରନ୍ତରଭାବେ ପ୍ରୋତ୍ସାହିତ କରିଆସୁଥିବାବେଳେ ଚୀନ ଚଳିତବର୍ଷ ଜୁନରୁ ପୂର୍ବ ଲଦାଖ ଅଞ୍ଚଳରେ ଭାରତ ସହ ସୀମା ବିବାଦକୁ ନେଇ ସଂଘର୍ଷ ଜାରି ରଖିଛି। ଜୁନ ୧୪ରେ ଲଦାଖର ଗଲୱାନ ଘାଟିରେ ଭାରତ ଓ ଚୀନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଭାରତୀୟ ଯବାନ ସହିଦ ହୋଇଥିବାବେଳେ ପ୍ରତିପକ୍ଷ ଚୀନର ୪୦ରୁ ଊର୍ଦ୍ଧ୍ୱ ଯବାନ ପ୍ରାଣ ହରାଇଥିଲେ।



ସୀମାରେ ଶାନ୍ତି ଫେରାଇ ଆଣିବା ଲକ୍ଷ୍ୟରେ ଇତିମଧ୍ୟରେ ଦୁଇ ଦେଶର ସାମରିକ କମାଣ୍ଡରଙ୍କ ମଧ୍ୟରେ ଏକାଧିକ ଫ୍ଲାଗ ବୈଠକ ଅନୁଷ୍ଠିତ ହୋଇସାରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଏସ୍‌ସିଓ ସଦସ୍ୟ ରାଷ୍ଟ୍ରମାନେ ସଂଗଠନର ମୂଳ ଲକ୍ଷ୍ୟକୁ ଉଲ୍ଲଘଂନ କରି ଦ୍ୱିପାକ୍ଷିକ ପ୍ରସଙ୍ଗକୁ ଆଲୋଚନା ପରିସରକୁ ଆଣୁଥିବାରୁ ମୋଦି କ୍ଷୋଭପ୍ରକାଶ କରିଛନ୍ତି। ସଂଗଠନର ନିୟମାବଳୀରେ ଉଲ୍ଲେଖ କରାଯାଇଥିବା ଧାରାଗୁଡିକୁ ଅଣଦେଖା କରାଯାଉଥିବାରୁ ମୋଦି ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏସ୍‌ସିଓ ସଂଗଠନର ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ସଂଯୋଗୀକରଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଉପରେ ମୋଦି ଗୁରୁତ୍ୱାରୋପ କରିଛନ୍ତି। ତେବେ ଏହାର ମାନେ ନୁହେଁ ଯେ ପଡୋଶୀ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତିକୁ କ୍ଷୁଣ୍ଣ କରି ସଂଯୋଗୀକରଣ ବ୍ୟବସ୍ଥାକୁ କାର୍ଯ୍ୟ କରିବା ବୋଲି ମୋଦି କହିଛନ୍ତି। ପାକିସ୍ତାନ ସହ ମିଶି ଚୀନ ଦୀର୍ଘ ୩୦୦୦ କିମି ବିଶିଷ୍ଟ ସିପେକ୍ (ଚାଇନା ପାକିସ୍ତାନ ଇକୋନୋମିକ୍ କରିଡର) ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଜୋରସୋର ଉଦ୍ୟମ ଚଳାଇଛି। ଏହି ପ୍ରକଳ୍ପ ଚୀନର କସ୍‌ଘରକୁ ପାକିସ୍ତାନର ଗ୍ୱାଦର ବନ୍ଦର ସହ ସଂଯୋଗ କରୁଥିବାବେଳେ ଏହି ରାସ୍ତା ପାକ୍ ଅଧିକୃତ କାଶ୍ମୀର ଦେଇ ନିର୍ମିତ ହେଉଛି। ସଂପ୍ରତି ଚୀନରୁ ସୃଷ୍ଟ ମହାମାରୀ କରୋନା ବିଶ୍ୱର ୨୧୫ରୁ ଅଧିକ ରାଷ୍ଟ୍ରରେ ଆତଙ୍କ ସୃଷ୍ଟି କରିଥିବାବେଳେ ଭାରତ ୧୫୦ରୁ ଊର୍ଦ୍ଧ୍ୱ ଦେଶକୁ ଜରୁରୀ ଔଷଧପତ୍ର ଯୋଗାଇ ଆସିଛି ବୋଲି ମୋଦି ତାଙ୍କ ଭାଷଣରେ ଉଲ୍ଲେଖ କରିଛନ୍ତି। ବୈଠକ ଶେଷରେ ସଦସ୍ୟ ରାଷ୍ଟ୍ରମୁଖ୍ୟମାନେ ଏକ ମିଳିତ ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ। ଆଞ୍ଚଳିକ ଓ ବିଶ୍ୱସ୍ତରରେ ତାତ୍ପର୍ଯ୍ୟ ରଖୁଥିବା ପ୍ରସଙ୍ଗ ଉପରେ ମିଳିତଭାବେ କାର୍ଯ୍ୟ କରିବାକୁ ଉକ୍ତ ଘୋଷଣାନାମାରେ ରାଷ୍ଟ୍ରମୁଖ୍ୟମାନେ ସମ୍ମତି ପ୍ରଦାନ କରିଛନ୍ତି।

## ଡିସେମ୍ବର ସୁଦ୍ଧା ଭାରତକୁ ମିଳିବ ୧୦ କୋଟି କରୋନା ଟିକା

**ନୂଆଦିଲ୍ଲୀ :** କରୋନା ଆତଙ୍କ ଭିତରେ ଏକ ବଡ ଖବର ସାମ୍ନାକୁ ଆସିଛି। ଡିସେମ୍ବର ସୁଦ୍ଧା ଭାରତକୁ ୧୦୦ ମିଲିୟନ୍ କରୋନା ଟିକା ମିଳିବ। ଅକ୍ସଫୋର୍ଡ ଓ ଆଷ୍ଟ୍ରାଜେନିକା ପ୍ରସ୍ତୁତ କରିଥିବା କରୋନା ଟିକାର ୧୦୦ ମିଲିୟନ ଡୋଜ୍ ଭାରତରେ ରହିଥିବ ଓ ପରୀକ୍ଷା ମୂଳକ ଭାବେ ସାରା ଭାରତରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଆଜି ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମୁଖ୍ୟ ଅଦର ପୋନାୱାଲା କହିଛନ୍ତି। ସେ କହିଛନ୍ତି, ଶେଷ ପର୍ଯ୍ୟାୟ ଟ୍ରାଏଲ୍ ବେଳେ ଆଷ୍ଟ୍ରାଜେନିକା କରୋନା ଟିକା ପ୍ରଭାବ ଦେଖାଇବାକୁ ସକ୍ଷମ ହୋଇଛି। ମୋଟ ଉପରେ ଆମକୁ ୧ ବିଲିୟନ ଡୋଜ ଟିକା ପ୍ରସ୍ତୁତ କରିବାକୁ ଅନୁମତି ମିଳିଛି। ସମ୍ଭବତଃ ଡିସେମ୍ବର ସୁଦ୍ଧା ଭାରତ ପାଇଁ ଆମେ ୧୦୦ ମିଲିୟନ୍ ଡୋଜ୍ ପ୍ରସ୍ତୁତ କରିନେବୁ। ଭାରତ ସରକାର ଡିସେମ୍ବର ମାସରେ କରୋନା




ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଇପାରନ୍ତି। ପ୍ରାଥମିକ ଅବସ୍ଥାରେ ସେରମ ପ୍ରସ୍ତୁତ କରୁଥିବା କରୋନା ଟିକା ଭାରତକୁ ଦେବ। ଆସନ୍ତା ବର୍ଷ ଆରମ୍ଭରୁ ପୂର୍ଣ୍ଣ ଅନୁମତି ମିଳିଲେ ୫୦:୫୦ରେ କରୋନା ଟିକା ଭାରତ ଓ ବିଶ୍ୱ ପାଇଁ ପ୍ରସ୍ତୁତ କରାଯିବ। ତେବେ ଏହି ଯୋଜନାର ସଫଳତା ପରୀକ୍ଷା ରିପୋର୍ଟ ଉପରେ ନିର୍ଭର କରୁଛି। ପୂର୍ବରୁ ଆଷ୍ଟ୍ରାଜେନିକାର ଟିକାକୁ ନେଇ ଅନେକ ବିବାଦ ଦେଖା ଦେଇଥିବା ବେଳେ ଏବେ ଏହାକୁ ଉପଲବ୍ଧ କରାଇବା ପୂର୍ବରୁ ଭଲ ଭାବରେ ପରୀକ୍ଷା କରାଯାଉଛି। ଥରେ ପରୀକ୍ଷଣ ସଫଳ ହେବା ପରେ ତୁରନ୍ତ ଏହାର ଉତ୍ପାଦନ ଆରମ୍ଭ ହେବ। ଅନ୍ୟ ପକ୍ଷରେ କୋଭିଡ୍ ଟିକା ପ୍ରସ୍ତୁତି କ୍ଷେତ୍ରରେ ସଫଳତା ଦାବି କରିଥିବା ଆମେରିକୀୟ ଔଷଧ କମ୍ପାନୀ ‘ଫାଇଜର’ର ଟିକାରେ ଥିବା କେତେକ ତ୍ରୁଟି ସାମ୍ନାକୁ ଆସିଛି। ପରୀକ୍ଷଣ ବେଳେ ଏହି ଟିକା ଦିଆଯାଇଥିବା ସ୍ୱେଚ୍ଛାସେବୀମାନଙ୍କ ଶରୀରରେ ମୁଣ୍ଡବିନ୍ଧା ହେବା, ମୁଣ୍ଡ ଓଜନିଆ ଲାଗିବା, ମାଂସପେଶୀ ଦରଜ ହେବା ଓ ଜ୍ୱର ଆଦି ଦେଖାଯାଉଛି। ବ୍ରିଟିସ୍ ଖବରକାଗଜ ଡେଲି ମେଲ୍‌ରେ ପ୍ରକାଶିତ ତଥ୍ୟ ଅନୁସାରେ ୬ଟି ଦେଶରେ ପ୍ରାୟ ୪୩,୫୦୦ ଲୋକଙ୍କ ଶରୀରରେ ଏହି ଟିକାର ପରୀକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି। ଏହାଫଳରେ ଏହି ଟିକାକୁ ନେଇ ସାରା ବିଶ୍ୱରେ ଦେଖାଯାଇଥିବା ଆଶା ନିରାଶାରେ ପରିଣତ ହୋଇଛି।


## ଜେଏନ୍‌ୟୁରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ନୂଆଦିଲ୍ଲୀ :** ଦେଶର ପ୍ରସିଦ୍ଧ ଜବାହାର ଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଭିଡିଓ କନଫରେନ୍ସିଂ ଜରିଆରେ ଏହାକୁ ଉନ୍ମୋଚନ କରିଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ସେ କହିଥିଲେ, ଔପନିବେଶିକ ଶାସନ ବେଳେ ଆମ ସ୍ୱରକୁ ଯେତେବେଳେ ଚାପି ଦିଆଯାଉଥିଲା ସେତେବେଳେ ସ୍ୱାମୀ ବିବେକାନନ୍ଦ ମିଚିଗାନ ବିଶ୍ୱବିଦ୍ୟାଳୟ ଯାଇଥିଲେ। ସେଠାରେ ସେ କହିଥିଲେ ଯେ, ଏବେକାର ସମୟ ଆପଣଙ୍କର ଚାଲିଛି, ପରବର୍ତ୍ତୀ ଶତାବ୍ଦୀ ଭାରତର ହେବ। ତେଣୁ ଏବେ ଆମର କର୍ତ୍ତବ୍ୟ ହେଉଛି ବିବେକାନନ୍ଦଙ୍କ ଆଦର୍ଶକୁ ଠିକ୍ ଭାବେ ପ୍ରତିପାଦନ କରିବା। ଆଜି ଉନ୍ମୋଚନ ହୋଇଥିବା ବିବେକାନନ୍ଦଙ୍କ ଷ୍ଟାଚ୍ୟୁକୁ ଦେଖିଲେ ସମସ୍ତଙ୍କ ମଧ୍ୟରେ ସାହାସ ଓ ସଂଯମତା ଗୁଣ ବୃଦ୍ଧି ପାଇବ। ସ୍ୱାମୀ ବିବେକାନନ୍ଦ ଚାହୁଁଥିଲେ ଯେ ଦେଶର ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କୁ ଆତ୍ମବିଶ୍ୱାସ ଯୋଗାଇ ଦେଉ ଓ ସେମାନଙ୍କୁ ଆତ୍ମନିର୍ଭର କରୁ। ଏବେ ପ୍ରଚଳିତ ହୋଇଥିବା ଜାତୀୟ ଶିକ୍ଷା ନୀତି ତା’କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଆମ ଯୁବଗୋଷ୍ଠୀ ସାରା ବିଶ୍ୱରେ ଭାରତର ସଂସ୍କୃତି ଓ ପରମ୍ପରାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ବ୍ରାଣ୍ଡ ଇଣ୍ଡିଆ ଏବେ ବିଶ୍ୱରେ ବ୍ରାଣ୍ଡ ଆମ୍ବାସାଡାର ହୋଇଛି। ଆଜି ଦେଶ ଆତ୍ମନିର୍ଭର ଦିଗରେ ସଫଳତାର ସହ ଆଗେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ମଧ୍ୟ ଯୋଗ ଦେଇଥିଲେ।

## ଭାରତକୁ ଫେରିବ ପବ୍‌ଜୀ

**ନୂଆଦିଲ୍ଲୀ :** ପବ୍‌ଜୀ ମୋବାଇଲର ଫ୍ୟାନମାନଙ୍କ ପାଇଁ ଏକ ବଡଖବର। ପ୍ରାୟ ୧ ମାସ ପରେ ପୁଣି ଥରେ ଭାରତକୁ ଫେରିବ ଏହି ଲୋକପ୍ରିୟ ଗେମିଂ ଆପ୍। ପବ୍‌ଜୀ କର୍ପୋରେସନ ପକ୍ଷରୁ କୁହାଯାଇଛି, ପବ୍‌ଜୀ ମୋବାଇଲ ଇଣ୍ଡିଆ ସ୍ୱତନ୍ତ୍ର ଭାବେ ଭାରତୀୟ ବଜାର ପାଇଁ ସୃଷ୍ଟି କରାଯାଇଛି। ଏଥିରେ ୟୁଜର୍ସଙ୍କ ଡାଟା ପ୍ରାଇଭେସି ରହିବ। ଗତ ସେପ୍ଟେମ୍ବରରେ ଚାଇନା ଆପ୍ ବିରୋଦରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସମୟରେ ପବ୍‌ଜୀ ମୋବାଇଲ ଭାରତରେ ବ୍ୟାନ୍ ହୋଇଥିଲା। ଭାରତରେ ୧୧୮ରୁ ଅଧିକ ଚାଇନା ମାଲିକାନାରେ ଥିବା ଆପ୍‌ଗୁଡିକ ବ୍ୟାନ୍ କରାଯାଇଥିଲା। ସେଗୁଡିକ ମଧ୍ୟରେ ରହିଛି ଲୁଡୋ ୱାର୍ଲ୍ଡ, ଏପିୟୁଏସ୍ ଲଞ୍ଚର,




ୟୁଲାଇକ୍, ଅଲି ପେ, ସୁପରକ୍ଲିନ୍-ମାଷ୍ଟର ଅଫ୍ କ୍ଲିନର, ଫୋନ୍ ବୁଷ୍ଟର ପ୍ରଭୃତି। ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ୟୁଜରଙ୍କ ପାଇଁ କେତେକ ନୂଆ ଫିଚର ଆଣିବ ପବ୍‌ଜୀ। କେବଳ ସେତିକି ନୁହେଁ ପବ୍‌ଜୀ ଭାରତୀୟ ଗେମିଂ କ୍ଷେତ୍ରରେ ପ୍ରାୟ ୧୦୦ ନିୟୁତ ଡଲାର ବିନିଯୋଗ ପାଇଁ ଘୋଷଣା କରିଛି। ଏହା ଦ୍ୱାରା ଭାରତର କ୍ରୀଡ଼ା, ଇ-କ୍ରୀଡ଼ା ମନୋରଞ୍ଜନ ଏବଂ ଆଇଟି ଶିଳ୍ପ ପାଇଁ ବିନିଯୋଗ କରାଯିବ।

## ‘ଅମ୍ଫନ’ ପାଇଁ କେନ୍ଦ୍ରର ଅତିରିକ୍ତ ସହାୟତା; ଓଡ଼ିଶାକୁ ପୁଣି ୧୨୮ କୋଟି

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ୪,୩୮୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏ ବାବଦରେ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ମୋଟ୍ ଛଅଟି ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା। ଏନ୍‌ଡିଆରଏଫ୍ ପାଣ୍ଠିରୁ ଏହି ଟଙ୍କା ମିଳିବ ବୋଲି ଗୃହ ମନ୍ତ୍ରଣାଳୟ କହିଛି। କ୍ଷୟକ୍ଷତି ନେଇ କେନ୍ଦ୍ର ସରକାର ପ୍ରଭାବିତ ରାଜ୍ୟ ମାନଙ୍କଠାରୁ ରିପୋର୍ଟ ଗ୍ରହଣ କରିବା ପରେ ଏବଂ କେନ୍ଦ୍ର ଆନ୍ତଃ ମନ୍ତ୍ରିସ୍ତରୀୟ କମିଟିର ରିପୋର୍ଟକୁ ଆଧାର କରି ଗୃହ ମନ୍ତ୍ରଣାଳୟ ଏହି



ଟଙ୍କା ଅନୁମୋଦନ ଦେଇଛି। ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ (ଘୂର୍ଣ୍ଣିବଳୟ, ବନ୍ୟା ଏବଂ ଭୂସ୍ଖଳନ) ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ସିକ୍କିମ୍ ପ୍ରଭାବିତ ହୋଇଥିଲା। ବାତ୍ୟା ‘ଅମ୍ଫନ୍’ ପାଇଁ ଓଡ଼ିଶାକୁ ୧୨୮.୨୩ କୋଟି ମଞ୍ଜୁରି ହୋଇଛି। ଘୂର୍ଣ୍ଣିବଳୟ ‘ନିସର୍ଗ’ ପାଇଁ ମହାରାଷ୍ଟ୍ରକୁ ୨୬୮.୫୯ କୋଟି ମଞ୍ଜୁରି ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ବନ୍ୟା ଓ ଭୂସ୍ଖଳନ ପାଇଁ କର୍ଣ୍ଣାଟକକୁ ୫୭୭.୮୪ କୋଟି, ମଧ୍ୟପ୍ରଦେଶ ପାଇଁ ୬୧୧.୬୧ କୋଟି ଏବଂ ସିକ୍କିମ୍ ପାଇଁ ୮୭.୮୪ କୋଟି ମଞ୍ଜୁର ହୋଇଛି। ଘୂର୍ଣ୍ଣିବଳୟ ଅମ୍ଫନ୍ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଗସ୍ତରେ ଆସି ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଏହି ସମୟରେ ତତ୍କାଳ ପଶ୍ଚିମବଙ୍ଗ ପାଇଁ ୧ ହଜାର କୋଟି ଏବଂ ଓଡ଼ିଶା ପାଇଁ ୫ଶହ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ମୃତକଙ୍କ ପରିବାର ପାଇଁ ୨ଲକ୍ଷ ଏବଂ ଆହତଙ୍କ ପାଇଁ ୫୦,୦୦୦ କୋଟି ଟଙ୍କା ଘୋଷଣା କରିଥିଲେ ନିଜେ ପ୍ରଧାନମନ୍ତ୍ରୀ।

# ୨.୬୫ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା


**ନୂଆଦିଲ୍ଲୀ :** ଆର୍ଥିକ ମାନ୍ଦାବସ୍ଥାରୁ ଦେଶକୁ ମୁକ୍ତିଦେବା ଲକ୍ଷ୍ୟରେକେନ୍ଦ୍ର ସରକାର ଆକ୍ସନ ମୋଡ୍‌ରେ ଥିବା ନଜରକୁ ଆସିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ଆର୍ଥିକ ସ୍ଥିତି ସୁଧାରିବାକୁ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥର ଆତ୍ମନିର୍ଭର ଭାରତ ଅଭିଯାନ ୩.୦ରେ ୨,୬୫,୦୮୦କୋଟି ଟଙ୍କାର ୧୨ଟି ଘୋଷଣା କରିଛନ୍ତି ସୀତାରମଣ। ମାନ୍ଦାବସ୍ଥା ଆଶଙ୍କା ଭିତରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଆତ୍ମନିର୍ଭର ଭାରତ ୩.୦। ଏଥିରେ ନିଯୁକ୍ତି ସୃଷ୍ଟିକୁ ଦିଆଯାଇଛି ପ୍ରାଥମିକତା। ନୂଆ କର୍ମଚାରୀଙ୍କ ଇପିଏଫ୍ କେନ୍ଦ୍ର ସରକାର ବହନ କରିବେ ବୋଲି ଘୋଷଣା କରାଯାଇଛି। ଏଣିକି ସଂସ୍ଥା ନୂତନ ନିଯୁକ୍ତିଦେଲେ କର୍ମଚାରୀଙ୍କ ଇପିଏଫ୍ ଭରଣା କରିବ କେନ୍ଦ୍ର। ୧ହଜାରରୁ କମ୍ କର୍ମଚାରୀ ଥିବା ସଂସ୍ଥାରେ ୨୪% ଇପିଏଫ୍ ଦେବେ କେନ୍ଦ୍ର ସରକାର। ଉଭୟ ସଂସ୍ଥା ଓ କର୍ମଚାରୀଙ୍କ ୧୨% ଲେଖାଏଁ ଅଂଶଦାନର ଭରଣା କରିବେ ସରକାର। ସେହିଭଳି ହଜାରରୁ ଅଧିକ କର୍ମଚାରୀ ଥିବା ସଂସ୍ଥାର କେବଳ କର୍ମଚାରୀଙ୍କ ଅଂଶଦାନ ୧୨% ଭରଣା କରିବେ କେନ୍ଦ୍ର ସରକାର। ଏହି ଇପିଏଫ୍ ଭରଣା ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅନ୍ୟପକ୍ଷରେ ବହୁ ଜଟିଳ ପରିସ୍ଥିତି ଦେଇ ଗତିକରୁଥିବା ଦେଶର ଶିଳ୍ପସଂସ୍ଥାଗୁଡ଼ିକର ସ୍ଥିତି ସୁଧାରିବା ଲାଗି ୨ଲକ୍ଷ କୋଟି ଟଙ୍କାର ରିଆତି ଘୋଷଣା କରାଯାଇଛି। ସରକାର ୧୦ଟି କ୍ଷେତ୍ରରେ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ବା ପିଏଲ୍‌ଆଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ଏହାକୁ ମଞ୍ଜୁରି ଦେଇଛି। ଶିଳ୍ପ ଭିତ୍ତିଭୂମି ବିକାଶପାଇଁ ଆଗାମୀ ୫ବର୍ଷରେ ୨ଲକ୍ଷ କୋଟି ଖର୍ଚ୍ଚ କରାଯିବ। କରୋନା ଯୋଗୁ ଧିମେଇ ଯାଇଥିବା ଦେଶର ଅର୍ଥନୀତି ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ଶକ୍ତି ଏବଂ ରେଳ ରାଜସ୍ୱ ଆଦାୟରେ ବୃଦ୍ଧିଘଟିଛି। ପିଏମ୍‌ଆଇ ସୂଚକାଙ୍କ ଉର୍ଜା ବ୍ୟବହାର, ବ୍ୟାଙ୍କ୍ ଋଣ, ଏଫ୍‌ପିଆଇ ନିବେଶରେ ବୃଦ୍ଧି ଆଦି ଦେଶର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣୁଛି। ଜିଏସ୍‌ଟି ଆଦାୟ ୧.୦୫ଲକ୍ଷରେ ପହଞ୍ଚିଥିବା କହିଛନ୍ତି ଅର୍ଥମନ୍ତ୍ରୀ। ‘ଆତ୍ମନିର୍ଭର ଭାରତ ୩.୦’ ଅଧିନରେ ଘୋଷଣା କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ଦେଶରେ ନିଯୁକ୍ତି, କୃଷି, ଭିତ୍ତିଭୂମି, ଉତ୍ପାଦନ, ଗୃହ ନିର୍ମାଣ, ଗବେଷଣା ଓ କୋଭିଡ୍ ନାଇଣ୍ଟିନ୍ ଟିକା ବିକାଶ କ୍ଷେତ୍ରରେ ସହାୟକ ହେବ। ନୂଆଦିଲ୍ଲୀଠାରେ



ଉଦ୍‌ବୋଧନ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, କୋଭିଡ୍ ନାଇଣ୍ଟିନ୍ ମହାମାରୀର ମୁକାବିଲା କରିବା ପାଇଁ ପୂର୍ବରୁ ଘୋଷଣା କରାଯାଇଥିବା ପ୍ୟାକେଜ୍ ଗୁଡ଼ିକ ସହ ଏହି ନୂତନ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ପ୍ୟାକେଜ୍ କାର୍ଯ୍ୟକରିବ। ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଚଳିତବର୍ଷ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଏକକ ରାସନକାର୍ଡ ବ୍ୟବସ୍ଥା ସୁଯୋଗ ମିଳିପାରିଛି। ଏହାଦ୍ୱାରା ଅଣସ୍ତରୀ ଲକ୍ଷ୍ୟ ହିତାଧିକାରୀ ଲାଭ ପାଇପାରିବେ। କୋଭିଡ୍ ନାଇଣ୍ଟିନ୍ ପରବର୍ତ୍ତୀ ସମୟରେ ଲୋକଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ କେନ୍ଦ୍ର ସରକାର ଅକ୍ଟୋବର ୧ ତାରିଖ ସୁଦ୍ଧା ନୂତନ ଯୋଗ୍ୟ କର୍ମଚାରୀଙ୍କୁ ଦୁଇ ବର୍ଷ ପାଇଁ ସବ୍‌ସିଡି ଯୋଗାଇ ଦେବେ। ସେହିଭଳି ଲୋକମାନଙ୍କୁ ଆବାସ ଯୋଗାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ୧୮ହଜାର କୋଟି ଟଙ୍କାର ଅତିରିକ୍ତ ବ୍ୟବସ୍ଥା କରାଯାଇଛି। ଏମଏସଏମଇ, ବ୍ୟବସାୟ, ମୁଦ୍ରା ଋଣଦାତା ତଥା ବ୍ୟବସାୟ କରିବା ନିମନ୍ତେ ବ୍ୟକ୍ତିଗତ ଋଣ ପାଇଁ ଏମରଜେନ୍ସିଂ କ୍ରେଡ଼ିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମର ସମ୍ପ୍ରସାରଣ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କରାଯିବା ଚାପଗ୍ରସ୍ତ କ୍ଷେତ୍ରକୁ ଆରାମ ଦେବ ଏବଂ ୱେଲଥ୍ କ୍ରିଏଟର୍ସଙ୍କ ମାନଙ୍କ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇସ୍ପାତ କ୍ଷେତ୍ର ସମେତ ୧୦ଟି ମହତ୍ୱପୂର୍ଣ୍ଣ କ୍ଷେତ୍ରକୁ ୧.୪୬ ଲକ୍ଷ କୋଟିର ପିଏଲଆଇ(ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ) ଦିଆଯିବା ଘରୋଇ ବଜାରକୁ ନୂଆ ଉତ୍ସାହ ପ୍ରଦାନ କରିବ। ଏହା ଘରୋଇ ଉତ୍ପାଦନରେ ପ୍ରତିଯୋଗିତାକୁ ଗତି ଦେବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଯୋଜନା ଅଧୀନରେ ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ଓ ଆଗାମୀ ଚାଷ ଋତୁରେ ସାର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କୃଷି କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ସହାୟତା ଏବଂ ନିଆଯାଇଥିବା ଅନେକ ପଦକ୍ଷେପ ଗ୍ରାମୀଣ ନିଯୁକ୍ତିକୁ ତ୍ୱରାନ୍ୱିତ କରିବ। କୃଷି ଓ ଗ୍ରାମୀଣ ଅର୍ଥନୀତିକୁ ଏହା ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ସରକାର ୧୦ହଜାର କୋଟି ଟଙ୍କାର ଅତିରିକ୍ତ ସହାୟତା ଯୋଗାଇଦେବେ। ମନରେଗା ଅଧୀନରେ ୭୩ହଜାର କୋଟିରୁ ଅଧିକ ଟଙ୍କା ଯୋଗାଇ ଦିଆଯାଇଛି ଏବଂ ଏହାଦ୍ୱାରା ୨୫୧ କୋଟି କର୍ମ ଦିବସ ସୃଷ୍ଟି ହୋଇପାରିଛି। ଭାରତ ସଫଳତାର ସହ କୋଭିଡ୍ ନାଇଣ୍ଟିନ୍ ମହାମାରୀର ମୁକାବିଲା କରିଛି। ଯାହାଫଳରେ ମୃତ୍ୟୁହାର ହ୍ରାସ ପାଇବା ସହ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି। କୋଭିଡ୍ ସୁରକ୍ଷା ମିଶନ୍ ଅଧୀନରେ ଗବେଷଣା ଓ କୋଭିଡ୍ ଟିକାର ବିକାଶ ପାଇଁ ସରକାର ୯୦୦ କୋଟି ଟଙ୍କା ଯୋଗାଇ ଦେଇଥିବା ଶ୍ରୀମତୀ ସୀତାରମଣ ସୂଚନାଦେଇଛନ୍ତି।

# ୭୧ ଲକ୍ଷ ଟନ୍ ଧାନ ସଂଗ୍ରହ ନିଷ୍ପତ୍ତି

**ଭୁବନେଶ୍ୱର :** ୨୦୨୦-୨୧ ବର୍ଷରେ ଅନ୍ତତଃ ୪୮ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯିବ। ସେଥିପାଇଁ ଖରିଫ ଋତୁରେ ୫୪ ଲକ୍ଷ ଓ ରବି ଋତୁରେ ୧୭ଲକ୍ଷ ଟନ୍, ଏହିପରି ମୋଟ ୭୧ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯିବ। ଏହାଠୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କ ଦ୍ୱାରା ମଣ୍ଡିକୁ ଆସିବ ତେବେ ତାହାକୁ ମଧ୍ୟ ସରକାର କ୍ରୟ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହାସହ ୨୧୫ଟି ପୁରୁଣା ଆଇନ ଉଚ୍ଛେଦ, ଅବଢ଼ା ଯୋଜନା ମାଧ୍ୟମରେ ପୁରୀରେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ୍ କମ୍ପ୍ଲେକ୍ସ ଏବଂ ଶ୍ରୀ ସେତୁ ସହ ମୂଷା ନଦୀର ସମ୍ପ୍ରସାରଣ ପାଇଁ ୪୬୧ କୋଟି ୨୫ ଲକ୍ଷ ଟଙ୍କା, ଗ୍ରୀଡ୍‌କୋକୁ ୨୬୦୦ କୋଟିର ଋଣ ଗ୍ୟାରେଣ୍ଟି, ଷ୍ଟାଫ୍ ନର୍ସ ପଦବୀକୁ ପୁନଃନାମକରଣ ଆଦି ୧୮ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଛି। ବୈଠକ ସମ୍ପର୍କରେ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଅକ୍ଟୋବର ୧ରୁ ଖରିଫ ଧାନ ସଂଗ୍ରହ ବର୍ଷ ଆରମ୍ଭ ହୋଇ ୨୦୨୧ ସେପ୍ଟେମ୍ବର ୩୦ରେ ଶେଷ ହେବ। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବାକୁ ଥିବାବେଳେ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ଏହି ବର୍ଷବ୍ୟାପୀ ଅବଧି ମଧ୍ୟରେ ରାଜ୍ୟ ସରକାର ଖରିଫ୍ ଓ ରବି ଋତୁ ପାଇଁ ପୃଥକ




ଭାବରେ ଧାନ ସଂଗ୍ରହ କରିବେ। ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ ଖାଦ୍ୟ ଓ ସଂଗ୍ରହଣ ନୀତି, ୨୦୨୦-୨୧କୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ଏହି ଅନୁସାରେ ଚଳିତବର୍ଷ ୭୧ଲକ୍ଷ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ୨୦୧୯-୨୦ରେ ଉଭୟ ଖରିଫ୍ ଓ ରବି ଋତୁ ମିଶି ୭୦.୫୬ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର କାର୍ଡ ଏକମାତ୍ର ପରିଚୟପତ୍ର ହେବ। ଆଧାର ମାଧ୍ୟମରେ ପଞ୍ଜିକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ-ଏ ଧାନ ପାଇଁ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଯଥାକ୍ରମେ ୧୮୬୮ ଓ ୧୮୮୮ ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ। ସେହିପରି ପରିବାରର ଖାଦ୍ୟଶସ୍ୟର ଆବଶ୍ୟକତା ପୂରଣ ପାଇଁ ଚାଷୀମାନେ ଉତ୍ପାଦିତ ଫସଲର କିଛି ଅଂଶ ରଖିବା ଉପରେ କୌଣସି ବାଧ୍ୟବାଧକତା ରହିବ ନାହିଁ। ମିଲରମାନେ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନର ଚାଉଳ ଫେରସ୍ତ କରିବେ। ଏଫ୍‌ଏକ୍ୟୁ ମାନର ଧାନ ଏମ୍‌ଏସ୍‌ପିଠାରୁ କମ୍ ଦରରେ ବିକ୍ରି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାଷୀଙ୍କ ଧାନ ବିକ୍ରି ବାବଦ ପ୍ରାପ୍ୟ ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାକୁ ପଠାଯିବ। ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହି ପ୍ରାପ୍ୟ ମିଳିବ। ସେହିପରି ଦେୟ ବକେୟା ଥିଲେ ମିଲରମାନଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାକୁ ଦିଆଯିବ ନାହିଁ। ଅଭାବୀ ଧାନ ବିକ୍ରିକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ ତଥା ସଂଗ୍ରହକାରୀ ସଂସ୍ଥା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅଧିକ ସଂଖ୍ୟାରେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି କୋଭିଡ୍ ମହାମାରୀ ଯୋଗୁ ଚାଷୀଙ୍କୁ ତୁରନ୍ତ ଲାଭ ଦେବା ପାଇଁ କୃଷି ଉତ୍ପାଦନ ଓ ପଶୁପାଳନ ମାର୍କେଟିଂ(ପ୍ରୋତ୍ସାହନ ଓ ସୁଯୋଗ)ର ଦ୍ୱିତୀୟ ଅଧ୍ୟାଦେଶକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। କ୍ୟାବିନେଟରେ ଅନୁମୋଦନ ପାଇଥିବା ଏହି ଦ୍ୱିତୀୟ ଅଧ୍ୟାଦେଶର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଲା, କୃଷି ଉତ୍ପାଦନ ଓ ପଶୁପାଳନ ବଜାର କମିଟି ଦ୍ୱାରା ଲାଗୁ ହେବା ପର୍ଯ୍ୟନ୍ତ ବିଜ୍ଞାପିତ ବଜାର କ୍ଷେତ୍ରର ସଂକଳ୍ପକୁ ଦୂର କରି ରାଜ୍ୟସ୍ତରୀୟ ଏକକ ବଜାର ସୃଷ୍ଟି କରାଯାଇପାରିବ। କୃଷକଙ୍କ ଉତ୍ପାଦନ ପାଇଁ ବିଭିନ୍ନ ବଜାର ଓ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ିବ। ଚାଷୀଙ୍କୁ ଉନ୍ନତ ବଜାର ପ୍ରବେଶ କିମ୍ବା ସଂଯୋଗ ଯୋଗାଇବା ପାଇଁ ଗୋଦାମ, ଶୀତଳ ଭଣ୍ଡାର କିମ୍ବା ଅନ୍ୟ ସ୍ଥାନକୁ ବଜାର ସବୟାର୍ଡ ଭାବେ ଘୋଷଣା କରାଯାଇପାରିବ। ସମଗ୍ର ରାଜ୍ୟକୁ ଏକ ଏନଫୋର୍ସମେ ଏରିଆ ଭାବେ ଘୋଷଣା କରିବା ସହ ମାର୍କେଟିଂ କମିଟି ସଦସ୍ୟ ଚୟନରେ ଭୌଗୋଳିକ କ୍ଷେତ୍ରକୁ ବିସ୍ତୃତ ବଜାର କ୍ଷେତ୍ର ଭାବେ ପୃଥକ କରାଯିବ। ସମଗ୍ର ରାଜ୍ୟରେ ବଜାର ଶୁଳ୍କର ଏକକ ପଏଣ୍ଟ ଆଦାୟ, ରାଜ୍ୟବ୍ୟାପୀ ଏକକ ବାଣିଜ୍ୟ ଲାଇସେନ୍ସ ପ୍ରଦାନ, କୃଷିଜାତ ଦ୍ରବ୍ୟ ବିକ୍ରୟ ଉପରେ ଭୌଗୋଳିକ ପ୍ରତିବନ୍ଧକ ହଟାଇବା ଓ ଯେକୌଣସି ସ୍ଥାନରେ ବିକ୍ରି ପାଇଁ ଅନୁମତି, ରାଜ୍ୟରେ କୃଷି ମାର୍କେଟିଂ ଓ ରାଜ୍ୟ ବଜାର କମିଟିର ଉନ୍ନତ ପରିଚାଳନା ପାଇଁ କୃଷି ମାର୍କେଟିଂ ସେବା ଗଠନ ଆଦି ଉପରେ ଏହି ଅଧ୍ୟାଦେଶରେ ଗୁରୁତ୍ୱ ଦିଆଯାଇଛି।

# 'ପୀଡିତଙ୍କ ଶରୀରରେ ବର୍ଷେ ପର୍ଯ୍ୟନ୍ତ ରହିବ କରୋନା ପ୍ରଭାବ'




**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣର ଦ୍ୱିତୀୟ ପ୍ରବାହକୁ ନେଇ ଓଡ଼ିଶା ସମେତ ସମଗ୍ର ଭାରତ ଆଶଙ୍କିତ ଥିବା ବେଳେ କରୋନା ପୀଡିତ ରୋଗୀଙ୍କ ଶରୀରରେ ଏହାର ପ୍ରଭାବ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ରହିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶଦାତା ତଥା ଏସ୍‌ସିବି ମେଡିକାଲ କଲେଜର ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, କରୋନା ମହାମାରୀ ଯୁଦ୍ଧ ଏବେ ସାରା ବିଶ୍ୱରେ ଜାରି ରହିଛି। କରୋନାରୁ ସୁସ୍ଥ ହେବା ପରେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ଶରୀରରେ ଦେଖିବାକୁ ମିଳୁଛି। ଏହି ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରାୟ ବର୍ଷାଧିକ କାଳ ରହିବାର ଆଶଙ୍କା ରହିଛି। ତେଣୁ ଯେଉଁମାନେ କରୋନାରେ ପୀଡିତ ହୋଇ ସୁସ୍ଥ ହୋଇଛନ୍ତି ସେମାନେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ୍। ନିୟମିତ ବ୍ୟାୟାମ, ଖାଇବା-ପିଇବା ସହ ଦୁଶ୍ଚିନ୍ତାରୁ ଦୂରେଇ ରହିବା ପ୍ରତି ବିଶେଷ ଯତ୍ନବାନ ହେବା ଜରୁରୀ। ଅତିକମରେ ୭ଘଣ୍ଟା ନିଦ୍ରା ଯିବେ। କମ୍ପ୍ୟୁଟର ଓ ମୋବାଇଲ ଫୋନ୍‌ରୁ ଦୂରେଇ ରହିବା ଜରୁରୀ। ଭୂତାଣୁଠୁ ଦୂରେଇ ରଖିବାକୁ ଏହି ସବୁ ନିୟମ ପାଳିବା ଆବଶ୍ୟକ। ଯେଉଁ କରୋନା ରୋଗୀମାନେ ମଧୁମେହ, କିଡ୍‌ନୀ, କାଶ, କ୍ୟାନସର ଓ ଅନ୍ୟ ରୋଗ ରହିଥିବ ସେମାନେ ଅଧିକ ଯତ୍ନଶୀଳ ହେବା ଉଚିତ୍। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କାର୍ବୋହାଇଡ୍ରେଜଜନିତ ଖାଦ୍ୟଠୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଛାତିରୋଗ ବିଶେଷଜ୍ଞ କ୍ଷୀରୋଦ କୁମାର ରାଉତ କହିଛନ୍ତି ଯେ, ଦ୍ୱିତୀୟ ପ୍ରବାହ ଅଧିକ ଭୟାବହ ହେବାର ଆଶଙ୍କା ରହିଛି। କରୋନା ପରବର୍ତ୍ତୀ ସମୟରେ ସୁସ୍ଥ ହେଉଥିବା ରୋଗୀଙ୍କୁ ଅଧିକ ସତର୍କ ରହିବାକୁ ସେ ପରାମଶ ଦେଇଛନ୍ତି। ବିଶେଷକରି ଯୁବବର୍ଗ ସଚେତନ ରହିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ମାନିବା ଓ ସାନିଟାଇଜ୍ ହେବା ନିୟମକୁ କଡାକଡି ପାଳନ କରିବା ଜରୁରୀ। ଏସି ରୁମ୍ ଓ ବନ୍ଦ କୋଠରୀରେ ରହିବା ଦ୍ୱାରା ଅଧିକ ସଂକ୍ରମଣର ଆଶଙ୍କା ଅଧିକ ରହିଛି। କୌଣସି ପରିସ୍ଥିତିରେ ବି କରୋନା ଗାଇଡଲାଇନ ପାଳନରେ ଅବହେଳା ନକରିବାକୁ ସେ ପରାମର୍ଶ ଦେଇଛନ୍ତି।

# ମ୍ୟାଲେରିଆ ରୋକିବ ପାଣିପାଗ ବିଭାଗ

**ଭୁବନେଶ୍ୱର :** ଆସନ୍ତା ବର୍ଷ ମୌସୁମୀ ଋତୁଠାରୁ ପାଣିପାଗ ସହିତ ମ୍ୟାଲେରିଆ ସମ୍ପର୍କରେ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଭାରତୀୟ ପାଣିପାଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଆରମ୍ଭ ହେବା ପାଇଁ ସ୍ଥିର କରାଯାଇଛି। ଦୁଇ ବିଭାଗ ଏନେଇ କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ ଆଗାମୀ ଦିନରେ ମ୍ୟାଲେରିଆ ରୋକିବା କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ଆଣିବ ବୋଲି ଆଶା ରହିଛି। କାରଣ ଆଗାମୀ ୭-୧୫ ଦିନ ମଧ୍ୟରେ କେଉଁ ଅଞ୍ଚଳର ତାପମାତ୍ରା ମ୍ୟାଲେରିଆ ହେବା ପାଇଁ ସୁହାଇବ ସେନେଇ ପାଣିପାଗ କେନ୍ଦ୍ରଗୁଡ଼ିକ ଆଗୁଆ ସୂଚନା ଦେବେ। ଯାହାଦ୍ୱାରା ଲୋକମାନେ ସତର୍କ ରହିବା ଦ୍ୱାରା ମ୍ୟାଲେରିଆ ବ୍ୟାପିବାରେ ରୋକ୍ ଲାଗିପାରିବ। ପ୍ରାଥମିକ ପର୍ଯ୍ୟାୟ ବା ପରୀକ୍ଷାମୂଳକ ଭାବେ ଏ ସଂକ୍ରାନ୍ତରେ ଆକଳନ ଆରମ୍ଭ ହୋଇଥିବା ବେଳେ ପ୍ରତି ଗୁରୁବାର ଦିନ ବିଭାଗ ପକ୍ଷରୁ ମ୍ୟାପ ଆକାରରେ ଏକ ବୁଲେଟିନ୍ ଜାରି କରାଯାଉଛି। ତେବେ ଏ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ ସାଧାରଣତଃ ସର୍ବାଧିକ ତାପମାତ୍ରା ୩୩ରୁ ୩୯ ଡିଗ୍ରୀ ଓ ସର୍ବନିମ୍ନ ୧୪ରୁ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିଲେ ମ୍ୟାଲେରିଆ ବ୍ୟାପିବା ପାଇଁ ଅନୁକୂଳ ହୋଇଥାଏ। କେଉଁ ସ୍ଥାନରେ ଏହି ତାପମାତ୍ରା ରହୁଛି ତାହା ଉପରେ ନଜର ରଖାଯାଉଛି। ଜିଲ୍ଲାୱାରୀ ମଧ୍ୟ ମ୍ୟାପ୍ ପ୍ରସ୍ତୁତ କରାଯାଇ ତଥ୍ୟ ନିଆଯାଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଉଛି। ଏହି ତଥ୍ୟ ବଳରେ ମ୍ୟାଲେରିଆ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି ବୋଲି ସେ କହିଛନ୍ତି। ତେବେ ପ୍ରାଥମିକ ଆକଳନରୁ ଯେଉଁ ତଥ୍ୟ ସଂଗ୍ରହ କରାଯାଇଛି, ସେଥିରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ମଧ୍ୟ ପ୍ରଦେଶ ଆଦି ରାଜ୍ୟର ଅନେକ ଜିଲ୍ଲା ମ୍ୟାଲେରିଆ ପ୍ରବଣ ରହିଛି ବୋଲି ଜଣାପଡ଼ିବା ସହିତ ମହାରାଷ୍ଟ୍ର, ତ୍ରିପୁରା, ମେଘାଳୟ ଓ ମିଜୋରାମ ମଧ୍ୟ ଏହି ତାଲିକାରେ ରହିଛନ୍ତି। ମ୍ୟାଲେରିଆ ବ୍ୟାପିବା ପାଇଁ ପାଣିପାଗ ଏକ ବଡ଼ କାରକ ହୋଇଥିବା ଯୋଗୁଁ ଏଥିରେ ମ୍ୟାଲେରିଆ ସଂକ୍ରମଣ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ସେଥିପାଇଁ ଗୋଟିଏ ଦିନର ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା କେଉଁ ରେଞ୍ଜରେ ରହୁଛି, ତାକୁ ଆଧାର କରି ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏଥିସହ ମ୍ୟାଲେରିଆ କେବେ ହେବାର ଅଛି ବା ମଶାଙ୍କ ସଂଖ୍ୟା କେବେ ବୃଦ୍ଧି ପାଇବ ତାର ବି ପୂର୍ବାନୁମାନ କରିବା ଦ୍ୱାରା ମ୍ୟାଲେରିଆ ଜନିତ ମୃତ୍ୟୁ କମିବା ସହିତ ମ୍ୟାଲେରିଆ ବ୍ୟାପିବାରେ ରୋକ୍ ଲାଗିପାରିବ ବୋଲି ସେ କହିଛନ୍ତି। ତେବେ ବର୍ତ୍ତମାନ ସ୍ଥିତିରେ ଓଡ଼ିଶାର ଦକ୍ଷିଣ ଉପକୂଳବର୍ତ୍ତୀ ଓ ନିକଟସ୍ଥ ଆଭ୍ୟନ୍ତରୀଣ ଜିଲ୍ଲାରେ ଯେଉଁ ତାପମାତ୍ରା ରହିଛି, ସେଥିରେ ମ୍ୟାଲେରିଆ ହେବା ପାଇଁ ୫୫-୭୫ ପ୍ରତିଶତ ପାଗ ଅନୁକୂଳ ରହିଥିବା ଜଣାପଡ଼ିଛି। ତେବେ ପଶ୍ଚିମ ଓଡ଼ିଶାରେ ଆଶଙ୍କା ମାତ୍ରା ୩୫ ପ୍ରତିଶତ ମଧ୍ୟରେ ସିମୀତ ଥିବାରୁ ଏଠାରେ ବିପଦ ନାହିଁ ବୋଲି ଆଇଏମ୍‌ଡି ତଥ୍ୟରୁ ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀଙ୍କ 'ରିଫର୍ମ, ପର୍ଫମ ଓ ଟ୍ରାନ୍ସଫର୍ମ' ମନ୍ତ୍ର ଦେଶର ନାଗରିକଙ୍କୁ ସଶକ୍ତ କରିଛି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀଙ୍କ "ରିଫର୍ମ, ପର୍ଫମ, ଓ ଟ୍ରାନ୍ସଫର୍ମ" ମନ୍ତ୍ର ଦେଶର ସମସ୍ତ ନାଗରିକଙ୍କୁ ସଶକ୍ତ କରିବା ସହ ଭାରତର ଅର୍ଥନୀତିରେ ଦେଶବାସୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସୂତ୍ରରେ ଯୋଡ଼ିବା ଦିଗରେ ଭାରତ ସରକାରଙ୍କ ଉଦ୍ୟମକୁ ମାର୍ଗଦର୍ଶନ ଦେଉଅଛି ବୋଲି ବୁଧବାର ଭିଡ଼ିଓ କନଫରେନ୍ସିଂ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କଟକ ସ୍ଥିତ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ(ଆଇଟିଏଟି)ର ଅତ୍ୟାଧୁନିକ କାର୍ଯ୍ୟାଳୟ ଏବଂ ଆବାସିକ ପରିସର ଉଦଘାଟନ ହେବା ଅବସରରେ ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କହିବାନୁଯାୟୀ ଆଇଟିଏଟିର ଏହି ନୂତନ କାର୍ଯ୍ୟାଳୟ ଓଡ଼ିଶା ସମେତ ପୂର୍ବ ଭାରତ ଏବଂ ଉତ୍ତର-ପୂର୍ବ ଭାରତରେ ଲକ୍ଷାଧିକ ଲୋକଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇବାରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ 'ଟିକସ ଆତଙ୍କବାଦ'ରୁ 'ଟିକସ ସ୍ୱଚ୍ଛତା' ଆଡ଼କୁ ଅଗ୍ରସର ହୋଇଛି। ମୋଦି ସରକାର ସଚ୍ଚୋଟ କରଦାତାମାନଙ୍କ ସମସ୍ୟାର ସମାଧାନ କରିଛନ୍ତି ବୋଲି ସେ କହିଛନ୍ତି। ଓଡିଶା ହେଉଛି କଳା, ସଂସ୍କୃତି ଏବଂ ଐତିହ୍ୟର ରାଜ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ-୧୯ର ଏହି ପାର୍ବଣ ସମୟରେ ଓଡିଶା ତଥା ଦେଶବାସୀଙ୍କୁ ସତର୍କ ରହିବା ସହ ଅଧିକ ଭୋକାଲ ଫର୍ ଲୋକାଲ୍ ହେବା ଏବଂ ସ୍ଥାନୀୟ କଳାକାର, ବୁଣାକାର, ବେପାରୀ ଏବଂ ବ୍ୟବସାୟୀଙ୍କୁ ଯଥାସମ୍ଭବ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ପାଳନ କରିବା ସହ ଆତ୍ମନିର୍ଭର ଭାରତରେ ଯୋଗଦାନ କରିବା ପାଇଁ ଓଡିଶାବାସୀଙ୍କୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି।

# ଅଧିବେଶନ ପୂର୍ବରୁ କୋଭିଡ୍ ଟେଷ୍ଟ : ବାଚସ୍ପତି

**ଭୁବନେଶ୍ୱର :** ଆସନ୍ତା ୨୦ରୁ ଆରମ୍ଭ ହେଉଛି ବିଧାନସଭା ଶୀତ ଅଧିବେଶନ। କରୋନା କଟକଣାକୁ ଆଖିଆଗରେ ରଖି ବିଧାନସଭାର ଶୀତ ଅଧିବେଶନ ପୂର୍ବରୁ କୋଭିଡ୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ବିଧାନସଭା ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ, ଓଡ଼ିଶା ବିଧାନସଭାର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ପୋଲିସ ଅଧିକାରୀମାନଙ୍କର କୋଭିଡ୍ ପରୀକ୍ଷା କରାଯିବ ବୋଲି ଆଜି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆସନ୍ତା ୧୭ରୁ ୧୯ ପର୍ଯ୍ୟନ୍ତ ବିଧାନସଭା ପରିସରରେ ଏଥିପାଇଁ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ବ୍ୟବସ୍ଥିତ ଢଙ୍ଗରେ ଏହି ଟେଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ବିଧାନସଭା ସଭ୍ୟ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଅଲଗା ଅଲଗା



କ୍ୟାବିନ୍ ବ୍ୟବସ୍ଥା କରାଯିବ। ଆସେମ୍ବ୍ଲି ହଲ୍ ଏବଂ ତତ୍ ସଂଲଗ୍ନ ପରିସରରୁ ବିଧାନସଭା ଅଧିବେଶନ ଆରମ୍ଭ ପୂର୍ବରୁ ଓ ପ୍ରତ୍ୟେହ ସାନିଟାଇଜ୍ କରାଯିବ। ବିଧାନସଭା ଅଧିବେଶନ କାଳରେ ଯଦି କୌଣସି ବିଧାୟକ କିମ୍ବା କର୍ମଚାରୀଙ୍କ କରୋନା ଲକ୍ଷ୍ୟଣ ପ୍ରକାଶ ପାଏ ତାହେଲେ ତାଙ୍କର ଆଣ୍ଟିଜେନ୍ ଟେଷ୍ଟ କରାଯିବ। ବିଧାନସଭା କାଳରେ ଯେଉଁ ସରକାରୀ ପଦାଧିକାରୀ ବିଧାନସଭାରେ ପ୍ରବେଶ କରିବେ ସେମାନଙ୍କର ମଧ୍ୟ ପୂର୍ବରୁ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ସମସ୍ତ ବିଧାୟକ, ସମ୍ପୃକ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କରୋନା ପ୍ରତିଷେଧକ କିଟ୍ ପ୍ରଦାନ କରାଯିବ। କରୋନା ପ୍ରତିଷେଧକ ସମ୍ପର୍କିତ ସମସ୍ତ ଗାଇଡଲାଇନ୍‌କୁ ଶତ ପ୍ରତିଶତ ପାଳନ କରିବାକୁ ମଧ୍ୟ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଧ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ, ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ଶାସନ ସଚିବ ଶିବାନନ୍ଦ ମହାପାତ୍ର, ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# କରୋନାରେ ବଢ଼ିଛି ରାଜସ୍ୱ ସଂଗ୍ରହ

**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଯୋଗୁ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଓଡ଼ିଶାରେ ରାଜସ୍ୱ ସଂଗ୍ରହ ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ ରହିଛି। ୨୦୧୯ ଅକ୍ଟୋବର ମାସ ତୁଳନାରେ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ରାଜସ୍ୱ ସଂଗ୍ରହ ୨.୨୭% ବୃଦ୍ଧି ପାଇଛି। ଏହାସହିତ କରୋନା କଟକଣା ମଧ୍ୟରେ ବି ବଜେଟ୍ ଖର୍ଚ୍ଚ ଅକ୍ଟୋବର ଶେଷ ସୁଦ୍ଧା ୫୧ ହଜାର କୋଟି ଟଙ୍କା ହୋଇଥିବା ଜଣାପଡିଛି। ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଓ ବାର୍ଷିକ ବଜେଟ୍ ପ୍ରସଙ୍ଗରେ ସମୀକ୍ଷା ହୋଇଥିଲା। ସମୀକ୍ଷାରୁ ଜଣାପଡିଥିଲା ଯେ, ଅକ୍ଟୋବର ମାସ ଶେଷ ସୁଦ୍ଧା ନିଜସ୍ୱ ଟିକସ ଓ ଅଣଟିକସ ବାବଦ ରାଜସ୍ୱ ସଂଗ୍ରହ ଅପେକ୍ଷାକୃତ ୨.୨୭% ବୃଦ୍ଧି ପାଇଛି। ୨୦୧୯ ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ ୨୫୦୦୨.୮୪ କୋଟି ଟଙ୍କା ଥିବା ବେଳେ ଚଳିତ ଅକ୍ଟୋବର ଶେଷ ସୁଦ୍ଧା



ଏହା ୨୫୫୭୧.୪୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କେବଳ ଅଣଟିକସ ରାଜସ୍ୱରେ ଗତ ଆର୍ଥିକ ବର୍ଷ ତୁଳନାରେ ୨୩.୪୧% ବଢ଼ିଛି। ୨୦୧୯ ଅକ୍ଟୋବରରେ ଅଣଟିକସ ରାଜସ୍ୱ ୭୫୩୩.୨୬ କୋଟି ଟଙ୍କା ଥିବା ବେଳେ ଏଥର ତାହା ୯୨୯୬.୬୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସଟଡାଉନ୍ ଓ ଲକ୍‌ଡାଉନ୍ ସତ୍ତ୍ୱେ ଅକ୍ଟୋବର ଶେଷ ସୁଦ୍ଧା ଚଳିତ ଆର୍ଥିକ ବର୍ଷର ମୋଟ ବଜେଟ୍‌ରୁ ୫୧ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିସହ ସର୍ବାଧିକ ୨୬ ହଜାର କୋଟି ଟଙ୍କା ସାମାଜିକ କ୍ଷେତ୍ର ପାଇଁ ଖର୍ଚ୍ଚ ହୋଇଛି।


# ଏଣିକି ମୋବାଇଲରେ ଜଳସେଚନ ସମସ୍ୟା ସମାଧାନ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କର ଲୋକପ୍ରିୟ ୫-ଟି କାର୍ଯ୍ୟକ୍ରମ ଚାଷୀ ଓ ଜଳସମ୍ପଦ ବିଭାଗକୁ ସିଧାସଳଖ ଯୋଡି ପାରିଛି। ମୋବାଇଲ ଫୋନର ଫଟୋ ଓ ଭିଡିଓ ଜରିଆରେ ଚାଷୀ ଜଳସେଚନ ସମସ୍ୟା ସମ୍ପର୍କରେ ସିଧା ଜଣାଇ ପାରିବେ ଜଳସମ୍ପଦ ବିଭାଗକୁ। ଜଳସେଚନ ସମସ୍ୟା ପାଇଁ ଚାଷ କାମ ଛାଡି ଆଉ ଚାଷୀକୁ ଅଫିସକୁ ଦୌଡିବାକୁ ଦରକାର ହେବନାହିଁ। ମୋବାଇଲ ଫଟୋରୁ ହେବ ସମସ୍ୟାର ସମାଧାନ। ଅନ୍‌ଲାଇନ୍ ଅଭିଯୋଗ ପରିଚାଳନା ବ୍ୟବସ୍ଥା 'ସେଚ ସମାଧାନ' ଚାଷୀ ଭାଇମାନଙ୍କ ପାଇଁ ଏହି ସୁଯୋଗ ଆଣିଛି। 'ସେଚ୍ ସମାଧାନ' ସହିତ ବିଜୁ କୃଷକ ଯୋଜନାରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା, ଶିଳ୍ପସଂସ୍ଥା ମାନଙ୍କ ପାଇଁ ଜଳ ଆବଣ୍ଟନ ଆବେଦନ ପ୍ରକ୍ରିୟା ଏବଂ ବ୍ୟବସାୟିକ ଓ ଅନ୍ୟ ସଂସ୍ଥା ପାଇଁ ଆବେଦନ ପୋର୍ଟାଲ ଏହିପରି ୪ଟି ଅନ୍‌ଲାଇନ୍ ସେବା ବ୍ୟବସ୍ଥାର ଶୁଭାରମ୍ଭ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଚାଷୀମାନେ ହେଉଛନ୍ତି ଜଳସମ୍ପଦ ବିଭାଗର ସର୍ବବୃହତ ହିତାଧିକାରୀ। ତେଣୁ ଏହି ଅନ୍‌ଲାଇନ ସେବା ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ବିଶେଷ ସହାୟକ ହେବା ସହିତ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ବିଭାଗକୁ ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ ସେବା ପ୍ରଦାନରେ ସହାୟକ ହେବ। ଏହାସହିତ ବିଜୁ କୃଷକ ଯୋଜନାର ଆବେଦନ ପ୍ରକ୍ରିୟାକୁ ମଞ୍ଜୁର କରିବାରେ ମଧ୍ୟ ସମୟୋଚିତ ପଦକ୍ଷେପ ନିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କ ପାଇଁ କରାଯାଇଥିବା ଅନ୍‌ଲାଇନ୍ ସେବା ମଧ୍ୟ ସେମାନଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିବା ସହିତ ଲୋକଙ୍କୁ ନିଜ ଘର ପାଖରେ ସରକାରୀ ସେବା ଯୋଗାଇବା ପାଇଁ ଥିବା ଲକ୍ଷ୍ୟ ପୂରଣରେ ଏହା ସହାୟକ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ସେବା ବିଷୟରେ ବହୁଳ ଜନସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜଳସମ୍ପଦ ବିଭାଗ ପକ୍ଷରୁ ଅନ୍ୟତମ ୫-ଟି ଲକ୍ଷ୍ୟ ଡିଜିଟାଲ ମଷ୍ଟର




ରୋଲ୍ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜଳସମ୍ପଦ ତଥା ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରଶାସନକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବା ପାଇଁ ଜଳସମ୍ପଦ ବିଭାଗ ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ୫-ଟି ଲକ୍ଷ୍ୟ ପୂରଣ କରିବା ସହିତ ଚାଷୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ। ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ଯନ୍ତ୍ରୀ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ବିଭାଗର ପ୍ରମୁଖ ସଚିବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଲୋକାର୍ପିତ ଅନ୍‌ଲାଇନ୍ ଅଭିଯୋଗ ପରିଚାଳନା ବ୍ୟବସ୍ଥା ସେଚ ସମାଧାନ ଏକ ଦ୍ୱିଭାଷୀୟ ମୋବାଇଲ୍ ଆପ୍। ଏହି ପଦ୍ଧତିରେ ଚାଷୀ ଜଳସମ୍ପଦ ବିଭାଗ ଅଫିସକୁ ନ ଆସି ତାଙ୍କ ଅଭିଯୋଗ ଫଟୋ ବା ଭିଡିଓ ମୋବାଇଲ ଜରିଆରେ ପଠାଇଲେ, ତାଙ୍କୁ ଅଭିଯୋଗର ସ୍ଥିତି ସମ୍ପର୍କରେ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଦିଆଯିବ ଏବଂ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ସେହିପରି ବିଜୁ କୃଷକ ବିକାଶ ଯୋଜନାରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ହୋଇଥିବା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଦ୍ୱାରା ଚାଷୀମାନେ ସରକାରୀ ଅଫିସ ନ ଆସି, ନିଜ ମୋବାଇଲ ଫୋନ୍, କମ୍ପ୍ୟୁଟର କିମ୍ବା ଜନସେବା କେନ୍ଦ୍ରରୁ ଆବେଦନ କରିପାରିବେ। ସେହିପରି ଶିଳ୍ପ କ୍ଷେତ୍ରକୁ ଜଳ ଆବଣ୍ଟନ ପାଇଁ ଜଳସମ୍ପଦ ବିଭାଗ ତରଫରୁ ଗୋ ସ୍ୱିଫ୍ଟ ପୋର୍ଟାଲକୁ ବିକଶିତ କରାଯାଇଛି। ଏହା ଜରିଆରେ ସେମାନେ ଅନ୍‌ଲାଇନ୍ ଆବେଦନ କରିପାରିବେ। ବାଣିଜ୍ୟିକ ଓ ଅନ୍ୟ ସଂସ୍ଥା ପାଇଁ ଜଳ ଆବଣ୍ଟନ ପାଇଁ ମଧ୍ୟ ଜଳସମ୍ପଦ ବିଭାଗ ତରଫରୁ ଅନ୍‌ଲାଇନ୍ ପୋର୍ଟାଲ waterallocationed.nic.in ବିକଶିତ କରାଯାଇଛି। ଏହି ପୋର୍ଟାଲ ଜରିଆରେ ଆବେଦନକାରୀ ମାନଙ୍କୁ ଜଳର ଆବଣ୍ଟନ, ପରିମାଣ ହ୍ରାସ ବୃଦ୍ଧି ଇତ୍ୟାଦି ବିଷୟରେ ବିଭାଗ ତରଫରୁ ଅବଗତ କରାଯାଇପାରିବ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ନଭେମ୍ବର, ୨୦୨୦

# ବର୍ତ୍ତମାନ ଭଳି ସମୟରେ ବେଣୁ ମଉସାଙ୍କ ଭଳି ପ୍ରାର୍ଥୀ କ'ଣ ଜିତିପାରିବେ ନିର୍ବାଚନ !

ନିକଟରେ ଓଡ଼ିଶାର ଦୁଇଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇସାରିଛି । ଯଦିଓ ଉପନିର୍ବାଚନ ପ୍ରାୟତଃ ଶାସକ ଦଳ ସପକ୍ଷରେ ଯିବାର ପରମ୍ପରା ରହିଆସିଛି, ସେହି ଦୃଷ୍ଟିରୁ ବିଚାର କଲେ ହୁଏତ ସନ୍ତୋଷ ମିଳିପାରେ । କିନ୍ତୁ ବିଶେଷ କଥାଟି ହେଉଛି ଏହି ଦୁଇ ଆସନ ପାଇଁ ପ୍ରାର୍ଥୀ ହୋଇଥିବା ପ୍ରାର୍ଥୀଙ୍କ ରାଜନୀତି ଇତିହାସ । ଯେଉଁ ଦୁଇଜଣ ପ୍ରାର୍ଥୀ ନିର୍ବାଚନ ଜିଣିଲେ ସେମାନଙ୍କ ମଧ୍ୟରୁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଓ ତାଙ୍କ ପିତା ବିଧାୟକ ଥାଇ ମୃତ୍ୟୁବରଣ କରିଥିଲେ । ଏହି ଆସନ ହେଉଛି ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ । ଅନ୍ୟ ଆସନ ହେଉଛି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ, ଯେଉଁଠି ପୂର୍ବରୁ ଥିବା ବିଧାୟକ ବିଜେପିର ଥିଲେ ଓ ତାଙ୍କର ଅସମୟରେ ବିୟୋଗ ପରେ ଦଳ ତାଙ୍କ ପୁଅକୁ ଉପନିର୍ବାଚନ ଟିକଟ ଦେଇଥିଲା । ଆଶା ଥିଲା ଉଭୟ ଆସନରେ ନିର୍ବାଚନ ଲଢୁଥିବା ଦୁଇ ପିତୃହରା ପ୍ରାର୍ଥୀଙ୍କୁ ଅନୁକମ୍ପା ଭୋଟ ମିଳିବ । ବାଲେଶ୍ୱର ସଦର ଆସନରୁ ବିଜେଡିର ପ୍ରାର୍ଥୀ ଭାବେ ଯିଏ ମଇଦାନକୁ ଓହ୍ଲାଇଥିଲା ସେ ଦଳର ଜଣେ ସକ୍ରିୟ ସଦସ୍ୟ ଓ ତାଙ୍କ ପ୍ରାର୍ଥୀତ୍ୱ ଉପରେ ବିଜେଡି ପୂର୍ଣ୍ଣ ଆଶାବାଦୀ ଥିଲା । ହେଲେ ଯେହେତୁ ଏହି ଆସନଟି ପୂର୍ବରୁ ବିଜେପି ହାତରେ ଥିଲା, ଚର୍ଚ୍ଚା ହେଉଥିଲା ତିର୍ତ୍ତୋଲ ପୂର୍ବପରି ବିଜେଡିର ଓ ବାଲେଶ୍ୱର ସଦର ବିଜେପିକୁ ଯିବ । କିନ୍ତୁ ନିର୍ବାଚନ ଫଳାଫଳ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ । ଏହି ଆଶ୍ଚର୍ଯ୍ୟର କାରଣ ହେଉଛି ଦୁଇ ଆସନର ଭୋଟ ହାର । ହେଲେ ସେଭଳି କିଛି ହେଲାନାହିଁ ବରଂ ଅଧିକ ଭୋଟ ବ୍ୟବଧାନରେ ଜିତିଲେ ବିଜେଡି ପ୍ରାର୍ଥୀ । ଉଭୟ ଆସନରେ ବିଜେଡିକୁ ଟକ୍କର ଦେଇ ବିଜେପି ପ୍ରଚାର ଅଭିଯାନ କରିଥିଲେ ବି ଭୋଟରଙ୍କ ହୃଦୟ ଜିତି ଭୋଟ ହାତେଇବାରେ ବିଫଳ ହୋଇଛି ବିଜେପି । ପ୍ରଚାର ସର୍ବସ୍ୱ ବିପଣୀ ଭଳି ସାମ୍ପ୍ରତିକ ସମୟର ରାଜନୀତି ଆଦର୍ଶ ଅପେକ୍ଷା ବିଶେଷ ପ୍ରଚାର ଉପରେ ନିର୍ଭରଶୀଳ । ଯେଉଁ ଦଳ ବା ପ୍ରାର୍ଥୀ ଅଧିକ ଓ ଅତ୍ୟାଧୁନିକ ଶୈଳୀରେ ପ୍ରଚାର କରିପାରିବ ସିଏ ଭୋଟରଙ୍କ ନିକଟତର ହୋଇପାରିବ । ନିର୍ବାଚନରେ ରହିଥିବା ପୁରୁଣା ଢାଞ୍ଚା, ପରମ୍ପରା କେବେଠାରୁ ବଦଳିଗଲାଣି । ପୂର୍ବରୁ କାନ୍ଥବାଡ ଓ ସାଧାରଣ ପୋଷ୍ଟର କିଛିରେ କାମ ଚଳୁଥିଲା ବେଳେ ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମ ପ୍ରଚାରର ମାଧ୍ୟମ ସାଜିଛି । ଟିଭି, ରଙ୍ଗୀନ ବ୍ୟାନର, ବଡ ସଭାମଞ୍ଚ ସହିତ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯେତେସବୁ ପନ୍ଥା ରହିଛି ତାହା ଆପଣେଇବାକୁ ପ୍ରାର୍ଥୀଙ୍କୁ ବାଧ୍ୟ ହେବାକୁ ପଡୁଛି । ଏଥିସହିତ ଟଙ୍କାପଇସା କାରବାର ଓ ଭୋଜିଭାତରେ ଭୋଟରଙ୍କୁ ପ୍ରଭାବିତ ମଧ୍ୟ କରାଯାଉଛି ।

ସମ୍ପାଦକୀୟ

ତାରକ ମହାନ୍ତି

ନିର୍ବାଚନୀ ହିସାବ ଗୋଟିଏ ପ୍ରକାର ହୋଇଥିଲା ବେଳେ ବାସ୍ତବ ତଥ୍ୟ ନିଆରା, ଯାହା ପ୍ରଘଟ ହୁଏନାହିଁ । ତେଣୁ ସାଂସଦ ବା ବିଧାୟକ ପ୍ରାର୍ଥୀ ହେବା ଆଉ ସହଜ ହୋଇ ରହିନାହିଁ । ଦଳୀୟ ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଏନେଇ ଅନେକ ତାରତମ୍ୟ । କାରଣ ଦଳୀୟ ପାଣ୍ଠି ଓ ବ୍ୟକ୍ତିଗତ ପାଣ୍ଠି ଖର୍ଚ୍ଚ କରିବା ଭିତରେ ଯେଉଁ ପ୍ରଭେଦ ତାହାକୁ ସାଧାରଣ ନାଗରିକ ସାମ୍ନା କଲା ଭଳି ଅବସ୍ଥା ଆଉ ନାହିଁ । ଦେଶରେ ଭୋଟ ଏକ ଜଟିଳ ତଥା ବ୍ୟୟବହୁଳ ଆହ୍ୱାନ । ଏହାର ସାମ୍ନା କରିବା ଓ ନିର୍ବାଚନରେ ବିଜୟୀ ହେବା ଈଶ୍ୱରଙ୍କ ବରଦାନ ସଦୃଶ । ଯେଉଁଥିପାଇଁ ଦେଶର ଗରିବ ଲୋକ ଜଣେ ନିର୍ବାଚନ ଲଢ଼ି ବିଜୟ ଲାଭକରିବା ଦିବାସ୍ୱପ୍ନ । ଅର୍ଥବଳ, ବାହୁବଳର ରଣ ହୁଙ୍କାର ମଧ୍ୟରେ ବେଣୁ ମଉସାଙ୍କ ଭଳି ପ୍ରାର୍ଥୀ ଜିତିବା କଣ ସହଜ କଥା । ଶାସକ ଦଳର ନିର୍ବାଚନ ରଣନୀତି, ଧନୀକ ପ୍ରାର୍ଥୀଙ୍କୁ ଟକ୍କର ଦେଲାଭଳି ସାମର୍ଥ୍ୟ ଜୁଟାଇବା ଭବିଷ୍ୟତରେ ମଧ୍ୟ ଅସମ୍ଭବ ମନେହେଉଛି । ଭୋଟ ଗୋଟେ ବଡ କମ୍ପାନୀର ସୌଖିନ ଖେଳ ଭଳି ପ୍ରଭାବଶାଳୀ ଗୋଷ୍ଠୀଙ୍କ ହାତକୁ ଚାଲିଗଲାଣି । ଏଠାରେ ନୀତି ଆଦର୍ଶ ଅପେକ୍ଷା କିଏ କେତେ ଅଧିକ ପ୍ରଚାର କରିପାରିବ ଓ ବିଭିନ୍ନ ଉପାୟରେ ଭୋଟରଙ୍କ ମନ ଜିଣି ପାରିବ ତାହା ହେଉଛି ବଡ ପ୍ରଶ୍ନ । ଅଧିକନ୍ତୁ ପରିବାରବାଦ ରାଜନୀତିର ବଡ ଅଂଶ ଥିଲା ଓ ରହିଛି । ଯିଏ ଯେତେ ଅଧିକ ଅନ୍ୟାୟୋପାର୍ଜିତ ଅର୍ଥ ଠୁଳ କରିପାରିବ, ତାଙ୍କ ପାଇଁ ରାଜନୀତି ସୁଗମ ବୋଲି ଭାବିବାକୁ ହେବ । ଗଣତନ୍ତ୍ର ନାଁରେ ଜଣତନ୍ତ୍ରର ବିନାଶ ନହେବା ଯାଏ ଭାରତ ବର୍ଷରେ ଆଉ ସ୍ୱଚ୍ଛ ବା ଆଦର୍ଶ ରାଜନୀତିର ପରିକଳ୍ପନା ବୃଥା ବୋଲି ମନେହୁଏ ।

ଲାଞ୍ଚଖୋର ମାନସିକତା, ଦୁର୍ନୀତିକୁ ପ୍ରଶୟ ଦେବା ଆଜିକାଲି ରାଜନୀତିର ମୂଳ ଆଧାର ପାଲଟିଯାଇଛି । ଦୁର୍ନୀତି ମୂଳୋତ୍ପାଟନର ନାରା ଦେଉଥିବା ନେତା ଏହି ମହାଦ୍ରୁମର ଜନକ ଭଳି ଉପରକୁ ଧୋବଧାଉଳିଆ ଦିଶୁଥିଲେ ବି ଭିତରେ ଭିତରେ ଶୋଷକ ଓ ଅତ୍ୟାଚାରୀ । ନିରୀହ ଜନସାଧାରଣ ନିଜ ଦୁର୍ଦ୍ଦଶାର ବିଲୋପ ପାଇଁ ଯେଉଁମାନଙ୍କୁ ପାଞ୍ଚ ବର୍ଷ ପାଇଁ ଜିତାଇ ଆଣୁଛନ୍ତି, ସେମାନେ ଏତେ ନିର୍ବୋଧ ଯେ, ନେତାଙ୍କ ଦୁର୍ନୀତି ଅପେକ୍ଷା ତାଙ୍କ ମିଛ ପ୍ରତିଶ୍ରୁତିରେ ଫସି ରହୁଛନ୍ତି । ଯାହାର ଫାଇଦା ନେଉଛନ୍ତି ନେତା । ଲୋକଙ୍କ ଟିକସ ଅର୍ଥରେ ବିଳାସପୂର୍ଣ୍ଣ ଜୀବନ ଯାପନ ସହ ଅର୍ଥ ଠୁଳ କରିବା ଏମାନଙ୍କ ଲକ୍ଷ୍ୟ । ନାମକୁମାତ୍ର ସେବା ବୋଲି କହି ଲୋକଙ୍କୁ ପ୍ରତାରିତ କରାଯାଉଥିଲେ ବି ଲୋକଙ୍କ ନିକଟରେ ବିକଳ୍ପ ନଥିବାରୁ ଭଲ ମନ୍ଦ ବିଚାର କରି ଭୋଟ ଦେବା କି ଭଲ ପ୍ରାର୍ଥୀ ଖୋଜି ଭୋଟ ଦେବା ସମ୍ଭବ ହୋଇପାରୁନାହିଁ । ବିଗତ ଅନେକ ନିର୍ବାଚନରେ ଦେଖାଯାଇଛି ଯେ, ଗରିବ ଲୋକଟିଏ ହୁଏତ ପ୍ରାର୍ଥୀ ହୋଇପାରିଛି କିନ୍ତୁ ନିର୍ବାଚନ ଜିତିପାରିନାହିଁ । ବରଂ ଏମାନଙ୍କ ନାଁ ନେଇ ଅନେକ ନେତାରୁ ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି । ହେଲେ ଯେଉଁ ଖଟିଖିଆ ମୁଲିଆଙ୍କ କଥା କହି ଏମାନେ ନିର୍ବାଚନ ବୈତରଣୀ ପାର ହେଲେ ସେମାନଙ୍କୁ ଭୁଲିଯାଇ ନିଜ ପେଟ ବଡ କରିବାରେ ଲାଗିଛନ୍ତି । ଅନ୍ୟାୟ ଅନୀତି ଦୂର ନହେଲେ ସ୍ୱଚ୍ଛ ଶାସନ, ନିରପେକ୍ଷ ବିଚାର ଅସମ୍ଭବ । ଯେତେଦିନ ପର୍ଯ୍ୟନ୍ତ ମଣିଷ ମନରେ ଅନ୍ୟ ପ୍ରତି ସମବେଦନା ନବଢ଼ିଛି, ତ୍ୟାଗ ଭାବ ସୃଷ୍ଟି ନହୋଇଛି, ସେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ରାଜନୀତି ଚାଲିଥିବ । ଜନସାଧାରଣ ମଧ୍ୟ ଧୀରେ ଧୀରେ ବୁଝିଯିବା ଦରକାର ଯେ, ସେମାନଙ୍କ ଟିକସ ଅର୍ଥରେ ସରକାର ଚାଲେ । କୌଣସି ନେତା ବା ମନ୍ତ୍ରୀ ନିଜ ପୈତୃକ ସମ୍ପତ୍ତି ଦେଇ ଦେଶ ବା ରାଜ୍ୟ ଚଳାନ୍ତି ନାହିଁ । ଦେଶ ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି, ତେଣୁ ଦେଶକୁ ବଞ୍ଚାଇବା ଓ ସରକାର ଗଠନ କରିବାରେ ଆମର ପ୍ରମୁଖ ଭୂମିକା ରହିଛି । ଆମେ ନିଜେ ସ୍ୱଚ୍ଛ ରହି ଅନ୍ୟକୁ ସଠିକ୍ ବାଟରେ ଚାଲିବା ପାଇଁ ପରାମର୍ଶ ଦେଇପାରିବା, ଆବଶ୍ୟକ ସ୍ଥଳେ ବାଧ୍ୟ ବି କରିବା । ତେଣୁ ମିଛି କଥାରେ ଭଳିବା ଅପେକ୍ଷା ସତ ମିଛି ପରୀକ୍ଷା କରିବାରେ କୁଣ୍ଠା ପ୍ରକାଶ କରିବା ଆଦୌ ଉଚିତ ନୁହେଁ ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୃଷ୍ଟିକୋଣ

## ପଙ୍କଜ କୁମାର ପାଣିଗ୍ରାହୀ

ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ !

ନିଜସ୍ୱ ଅନୁଭୂତିରେ ସୀମିତ ସାଧାରଣ ମଣିଷର ଦୃଷ୍ଟିକୋଣ

ଭିନ୍ନ ଏକ ଚରିତ୍ର ଚିହ୍ନିବା ସମ୍ଭବ, କିନ୍ତୁ ସହଜସାଧ୍ୟ ନୁହେଁ !

ସାଧାରଣତଃ କିଛି ସୀମିତ ପରିମାପକ ଶିକ୍ଷା, ଅଭିଜ୍ଞତା ଓ ଭାବଧାରା ଉପରେ ପର୍ଯ୍ୟବେସିତ ନିଜସ୍ୱ ଅନୁଭୂତି ଏବଂ ଗ୍ରହଣୀୟତା ଦେଖିବାକୁ ମିଳେ ବିଭିନ୍ନ ମଣିଷଙ୍କ କ୍ଷେତ୍ରରେ ଯାହାର ତୁଳନାତ୍ମକ ସାମଞ୍ଜସ୍ୟ ଥାଇ କେତେକ ସମୟରେ ସମାନତା ପ୍ରଦର୍ଶନ କରିଥାଏ । ଆଲୋଚନା, ବାଦାନୁବାଦ ହେଉକି ବିଚାର, ବ୍ୟକ୍ତିଗତ ଅନୁଭୂତିରୁ ପ୍ରକାଶ୍ୟ ମନ୍ତବ୍ୟ ସମ୍ପୃକ୍ତ ମଣିଷର ଦୃଷ୍ଟିକୋଣର ନିଦର୍ଶନ କରିଥାଏ । କୌଣସି ଗୋଟିଏ ବିଷୟକୁ ଆଲୋଚନା କରାଗଲେ କେତେକଙ୍କ ମତାମତ ସାମଞ୍ଜସ୍ୟ ରଖୁଥିବାବେଳେ ଅନ୍ୟ କେତେକଙ୍କ ମତାମତ ସମ୍ପୂର୍ଣ୍ଣ ଭିନ୍ନ ରୂପ ପ୍ରଦର୍ଶନ କରିଥାଏ । କେଉଁଟା ଠିକ ଏବଂ କେଉଁଟା ଭୁଲ ତାହାଉପରେ ପୁଣି ତର୍ଜମା କରାଯାଏ ଯାହାକୁ କୁହାଯାଏ ତର୍କ ! ତର୍କ କରି ଯାହା ନିଷ୍ପତ୍ତି ଗ୍ରହଣ କରାଯାଇଥାଏ ସେହି କଥାଟିଯେ ଠିକ ତାହାର ନିଶ୍ଚିତତା ନଥାଏ ! କାରଣ ଏକାନ୍ତ ସତ୍ୟ ଯଦି ସମସ୍ତଙ୍କୁ ଜଣା ଥା'ନ୍ତା ତାହେଲେ ସେହି ସ୍ଥାନରେ ତର୍କର ଆବଶ୍ୟକତା ନଥାଇ କେବଳ ନିଷ୍ପତ୍ତି ନିଆଯାଇ ପାରିଥା'ନ୍ତା ! କିନ୍ତୁ ତର୍କ ମାଧ୍ୟମରେ ନିଆଯାଇଥିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ସତ୍ୟ ଉପରେ ଆଧାରିତ ବୋଲି କୁହାଯାଇପାରିବ ନାହିଁ । ପ୍ରମାଣ ରହିତ କିମ୍ବା ଅସାମଞ୍ଜସ୍ୟ ତୁଳନାତ୍ମକ ତର୍କକୁ କେବଳ ବାକ୍‌ବିତଣ୍ଡା ବୋଲି ବିବେଚନା କରାଯାଇପାରେ ! ତେଣୁ ନିଜେ ଦାବୀ କରୁଥିବା ବିଷୟ ଉପରେ ଅନ୍ତିମ ଜ୍ଞାନ ନଥାଇ, କିମ୍ବା ତାହାର ପ୍ରମାଣ ସାପେକ୍ଷ ନିଦର୍ଶନ ନକରିପାରି ପ୍ରକାଶ୍ୟ ମନ୍ତବ୍ୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଦୃଷ୍ଟିକୋଣ ବୋଲି କୁହାଯାଇ ପାରିବ ଯାହା ସର୍ବସମ୍ମତିରେ ଗ୍ରହଣୀୟ ହେବକି ନାହିଁ ତାହାର ନିର୍ଦ୍ଧାରଣ ନିଶ୍ଚିତ ନଥାଏ ! ଏଠାରେ ଦୁଇଗୋଟି ଭିନ୍ନ ଭିନ୍ନ ଉଦାହରଣ ନେଇ ଦେଖିବା ମଣିଷର ଦୃଷ୍ଟିକୋଣର ମହତ୍ୱ...

ପ୍ରଥମ ଉଦାହରଣ ସ୍ୱରୂପ କିଛି ଲୋକ କୁହନ୍ତି ଭଗବାନ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ! ତାଙ୍କରି ଇଚ୍ଛାରେ ଚରାଚର ଜୀବଜଗତ ତଥା ପୃଥିବୀ ପୃଷ୍ଠର ସମସ୍ତ ନିୟମ ପରିଚାଳିତ ହେଉଅଛି ! ଠିକ ସେହିଭଳି ଅନ୍ୟ କେତେକ କହିବା କଥାଯେ ଭଗବାନ ବୋଲି କେହି କିଛି ନାହିଁ ! ସମଗ୍ର ବ୍ରହ୍ମାଣ୍ଡ କେବଳ କେତେକ ପ୍ରାକୃତିକ ଶକ୍ତିଦ୍ୱାରା ନିର୍ଦ୍ଦିଷ୍ଟ ନିୟାମକ ମଧ୍ୟରେ ବନ୍ଧା ହୋଇ ସ୍ୱୟଂସଂଚାଳିତ ହେଉଅଛି ଯାହାର ସୃଷ୍ଟିକର୍ତ୍ତା କିମ୍ବା ପରିଚାଳକ ବୋଲି କେହି କିଛି ନାହିଁ ! ତେଣୁ ଏହିଭଳି ବିପରୀତମୁଖୀ ମନ୍ତବ୍ୟ ସୃଷ୍ଟି କରୁଥିବା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉପୁଜୁଥିବା ତର୍କକୁ ସାର୍ବଜନୀନ କରାଯାଇ ପାରୁନାହିଁ ବା କୌଣସି ଗୋଟିଏ ଗୋଷ୍ଠୀର ମନ୍ତବ୍ୟକୁ ସର୍ବସାଧାରଣରେ ଗ୍ରହଣ ଯୋଗ୍ୟ ହେଉନାହିଁ । କାରଣ ଉଭୟଙ୍କ ପାଖରେ ସେମାନଙ୍କ ମନ୍ତବ୍ୟର କୌଣସି ପ୍ରାମାଣିକ ତଥ୍ୟ ନାହିଁ ! ତେଣୁ ଏହି ଯୁକ୍ତି କେବଳ ଗୋଟିଏ ବାକ୍‌ବିତଣ୍ଡା ଭାବେ ଅମିମାଂସିତ ନିର୍ଦ୍ଧାରିତ ହେଇଥାଏ ନିଜ ନିଜ ଦୃଷ୍ଟିକୋଣକୁ ନେଇ ଯେ ସମ୍ପୃକ୍ତ ବ୍ୟକ୍ତିଙ୍କର ନିଜସ୍ୱ ଅନୁଭୂତି ଏବଂ ଗ୍ରହଣୀୟତା କ'ଣ ? କିନ୍ତୁ ତାହାର କୌଣସି ନିଶ୍ଚିତ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇନାହିଁ ଯେହେତୁ ତାହାର ପ୍ରାମାଣିକ ତଥ୍ୟ କେହି ଦେଇ ପାରିନାହାନ୍ତି ! କହିବାକୁ ଗଲେ ଏହି ଦୁଇଟି ମନ୍ତବ୍ୟ ମଧ୍ୟରୁ ନିଶ୍ଚିତ ଗୋଟିଏହିଁ ଠିକ ଏବଂ ଅନ୍ୟଟି ଭୁଲ ! କାରଣ କୌଣସି ବିଷୟର ଦୁଇ ବିପରୀତମୁଖୀ ମନ୍ତବ୍ୟ ଠିକ ହେବା ସମ୍ଭବ ନୁହେଁ ! ତେଣୁ ଅସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟରେ ନିଜର ଅନୁଭୂତି ଏବଂ ଗ୍ରହଣୀୟତାର ନିଷ୍ପତ୍ତି ନେଇଥା'ନ୍ତି ଉଭୟ ଗୋଷ୍ଠୀ ଯାହା ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଅଛି ! କିନ୍ତୁ ଦୁଇଟି ମତକୁ ଗଭୀର ଆଲୋଡନ କରି ତର୍ଜମା କରାଗଲେ ସତ୍ୟ ନିଶ୍ଚିତ ପଦାକୁ ଆସିବ ସେଇଥିରେ ତିଳେହେଲେ ସନ୍ଦେହ ନଥାଇ ମଣିଷ କେବଳ ନିଜ ନିଜ ଅନୁଭୂତି, ଗ୍ରହଣୀୟତା ଉପରେ ନିଚ୍ଛକ ଅହଂଭାବର ପ୍ରକୋପରେ ବାସ୍ତବତାକୁ ଅନୁଧ୍ୟାନ କରିପାରୁନଥିବା କାରଣରୁ ସତ୍ୟର ପ୍ରମାଣ ପାଇପାରୁନାହିଁ, ଯାହା ଅଧ୍ୟବସାୟ ମାଧ୍ୟମରେ ନିଶ୍ଚିତ ଜାଣିବା ସମ୍ଭବ ଯେ ବାସ୍ତବିକ ସତ୍ୟ କଣ ? କିନ୍ତୁ କେହି ତାହା କରୁନାହାଁନ୍ତି । ଅଧିକନ୍ତୁ ସେମାନଙ୍କୁ ବିଶ୍ଳେଷଣାତ୍ମକ ପନ୍ଥାର ମାର୍ଗ ଦିଶୁନାହିଁ କେବଳ ଜିଜ୍ଞାସାର ଅଭାବ ଏବଂ ପ୍ରଚୁର ଅହଂଭାବ !

ଦ୍ୱିତୀୟ ଉଦାହରଣକୁ ପ୍ରଥମ ସହ ଯୋଡ଼ିଦେଇ ତର୍ଜମା କରାଗଲେ ଦେଖାଯିବ- ମଣିଷର ଭାବବିଚାର ଏବଂ ଜ୍ଞାନର ଆଦାନପ୍ରଦାନ ବିଶେଷଜ୍ଞଙ୍କ ଲେଖନୀ ମାଧ୍ୟମରେ ସମ୍ଭବ ହୋଇଥାଏ ଯେହେତୁ ଆମ ସମାଜ ଆଶାତୀତ ବ୍ୟାପ୍ତ ! ବିଭିନ୍ନ ପରିସ୍ଥିତି, ଅବସ୍ଥିତି ତଥା ପ୍ରାକୃତିକ ଶକ୍ତି ଗୁଡିକର କେତେକ ନିର୍ଦ୍ଦିଷ୍ଟ ସନ୍ଧି ମଧ୍ୟରେ କେତେବେଳେ କେଉଁ ଉଷରୁଯେ ବିଭିନ୍ନ ଜ୍ଞାନୀ ଗୁଣି ମଣିଷ କେତେକ ଜନ୍ମ ହୋଇଥା'ନ୍ତି ତାହା ସମସ୍ତଙ୍କ ପାଖରେ ଦେଖିବାକୁ ମିଳେନାହିଁ ! ଅର୍ଥାତ ବିଜ୍ଞ ଲୋକଙ୍କ ଉତ୍ପତ୍ତି ଅତୀବ ବିରଳ ହୋଇଥାଏ ମଣିଷ ସମାଜରେ, ଯେମିତି କେତେକ ବିରଳ ପାର୍ଥିବ କିମ୍ବା ବୃକ୍ଷ, ଲତାଙ୍କ ଉପସ୍ଥିତି ଆମେ ଦେଖୁଛେ ! ସେହି ବିଜ୍ଞ ମଣିଷ ଗୁଡିକ କୌଣସି ପରିସ୍ଥିତି, ପରିବେଶରେ ବିଭିନ୍ନ ଉପଦେଶ, ମତବ୍ୟକ୍ତ କରିଥା'ନ୍ତି ନିଜ ଲେଖା ମାଧ୍ୟମରେ ଯାହା, ତାହା ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ଦ୍ୱାରା ଉପଯୁକ୍ତ ଆକଳନ କରାଯାଇ ନପାରି ଅନେକ ଭ୍ରମାତ୍ମକ ପୁନର୍ବିଚାର ସମାଜରେ ଖେଳାଇଯାଇ ଅନେକ ଦ୍ୱନ୍ଦ ସୃଷ୍ଟି କରିବାରେ ସମ୍ପୃକ୍ତ ମୂଳ ଲେଖକଙ୍କ ଭାବଧାରାକୁ ବୁଝିବା ସାମର୍ଥ୍ୟ ବିହୀନ ମଣିଷ ଅନେକ ସମୟରେ ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳେ । ଏହାର ଯଥେଷ୍ଟ ଉଦାହରଣ ଉପରୋକ୍ତ ଉଦାହରଣଟିକୁ ସମ୍ପୂର୍ଣ୍ଣଭାବେ ସାମଞ୍ଜସ୍ୟ ରଖୁଅଛି ଯାହା ତର୍ଜମା କଲେ ଜାଣିହେବ ।

ଲେଖା ଏବଂ ଲେଖକଙ୍କ ସ୍ୱରୂପ ଅନେକ । ବିଭିନ୍ନ ଲେଖା ଗୁଡିକୁ ଭିନ୍ନ ଭିନ୍ନ ସ୍ତରରେ ମାନ୍ୟତା ଦିଆଯାଇଥାଏ ଯାହା ଗୋଟେ ଅନ୍ୟଠାରୁ ଭିନ୍ନ ରାସ୍ତାରେ ଗତି କରିଥାଏ । ଯଥା ପ୍ରବନ୍ଧ, କବିତା, ଗଳ୍ପ, ରଚନା, ସାହିତ୍ୟ, ଶାସ୍ତ୍ର ଏବଂ ଦର୍ଶନ ଇତ୍ୟାଦି ଭିନ୍ନ ଭିନ୍ନ ପରିସର ଭୁକ୍ତ ଲେଖା ଯାହା ଗୋଟିଏ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅର୍ଥାତ କୌଣସି ଗୋଟିଏ ଦିଗରେ ପାରଦର୍ଶିତା ଥିବା ଲେଖକଟିଏ ଏହି ସମସ୍ତ ଲେଖା ଗୁଡିକର ଭାବଧାରାକୁ ବୁଝିପାରିବା ନିଶ୍ଚିତତା ନଥାଏ । ତେଣୁ ଅନେକ ସମୟରେ ଗୋଟିଏ ବିଷୟ ଉପରେ ପାରଦର୍ଶିତା ଥାଇ ଅନ୍ୟ ଏକ ବିଷୟକୁ ବାହାଦୁରି ପ୍ରଦର୍ଶନ କରି ପ୍ରକାଶ କରୁଥିବା ଲେଖନୀରୁ ଅମିମାଂସିତ ବିପରୀତମୁଖୀ ଭାବାବେଗ ଉତ୍ପନ୍ନ ହୋଇ ସାଧାରଣ ଲୋକଙ୍କୁ ବିଚଳିତ କରିବା ଭଳି ଆଲେଖ୍ୟ ଗୁଡିଏ ପ୍ରକାଶ କରାଯିବା ହେତୁ ସମାଜରେ ବହୁତ ବାଦ ବିବାଦ ସୃଷ୍ଟି ହେଉଥିବା ଏକ ଜଟିଳ ସମସ୍ୟା ଆଜି ଦିନରେ ଦେଖିବାକୁ ମିଳୁଛି ! କିଛି ଶିକ୍ଷା ସହିତ ସ୍ୱଳ୍ପ ଜ୍ଞାନ ଆହରଣ କରିପାରିବାରେ ସମର୍ଥ ମଣିଷ ନିଜକୁ ଅତୀବ ଦୁର୍ଲ୍ଲଭ ବୋଲି ପ୍ରକାଶ ପୂର୍ବକ ନିଜ ଅହଂରେ ସମସ୍ତ ବିଷୟକୁ ଅକ୍ତିଆର କରିପାରିବା ଭଳି ଅନୁଭୂତି କରି ନିଜସ୍ୱ ଦୃଷ୍ଟିକୋଣରୁ ଅନେକ ଅବାନ୍ତର ଲେଖା ତଥା ମତାମତ ପ୍ରକାଶ କରନ୍ତେ ସେଗୁଡିକ ସାଧାରଣ ଲୋକଙ୍କ ମତିକୁ ବିଚଳିତ କରି ବିପରୀତମୁଖୀ କରିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ଦିନକୁ ଦିନ ସାଧାରଣ ଲୋକଙ୍କ ଜିବନଧାରା କ୍ଷୀଣ ହେବାରେ ଲାଗିଥିବା ଦେଖିବାକୁ ମିଳୁଛି ! ସାଧାରଣ ଅଜ୍ଞାନ, ନିର୍ବୋଧ ମଣିଷ ସେହି ଲେଖା ଗୁଡିକୁ ଉପଯୁକ୍ତ ତର୍ଜମା କରିବାରେ ଅସାମର୍ଥ୍ୟ ହେତୁ ଅଚିରେ ଗ୍ରହଣ କରି ନିଜର ସ୍ଥିତି ସଂକୁଚିତ କରୁଥିବା ମଧ୍ୟ ବୁଝିପାରୁନାହାନ୍ତି ! ତେଣୁ ସମାଜର ସ୍ଥିତି ଆଜି ଏତେ ଗମ୍ଭୀର ହୋଇଛିଯେ ଏହାର ପୁନଃ ପରିବର୍ତ୍ତନ କରାଯାଇ ସର୍ବସାଧାରଣଙ୍କ ଦୃଷ୍ଟିକୋଣକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଯିବ କେମିତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ! ଅର୍ଥାତ ଆମ ଦେଶରେ ବିଭିନ୍ନ ଲେଖା ତଥା ପ୍ରକାଶିତ ପୁସ୍ତକ ଗୁଡିକୁ ନିୟନ୍ତ୍ରଣ ରେଖା ମଧ୍ୟରେ ରଖି କିଛି ନିର୍ଦ୍ଦିଷ୍ଟ ଆଇନ ଅନୁଯାଇ ସଂସ୍କରଣ କରିବା ଲକ୍ଷ ରଖି ବିତଣ୍ଡା ପୁସ୍ତକ ଗୁଡିକୁ ସଂକୁଚିତ କରାନଗଲେ ଆସନ୍ତା ଭବିଷ୍ୟତରେ ସାଧାରଣ ଲୋକଙ୍କ ଅଜ୍ଞାନତାର ପରିସୀମା ଧାର୍ଯ୍ୟ କରିବା କାଠିକର ପାଠ ହୋଇପଡିବ ! ଅଧିକନ୍ତୁ ସାଧାରଣ ଲୋକଙ୍କ ଦୃଷ୍ଟିକୋଣ ନବଦଳିଲେ ଭବିଷ୍ୟତରେ କେବଳ ମଣିଷ ଶରୀରରେ ଫମ୍ପା (ଅର୍ଥାତ ଜ୍ଞାନ ଶୂନ୍ୟ) ମସ୍ତିଷ୍କ ଜଡିତ ମଣିଷ ଗୁଡିଏ ସୃଷ୍ଟି ହୋଇ ଅମାନବୀୟ ଚିନ୍ତାଧାରା, ଅନୁଭୂତି ଗୁଡିକୁ ଗ୍ରହଣ କରି ଏକ ଅପ୍ରୀତିକର ପରିବେଶରେ ଜୀବନ ଯାପାନ କରିବା ଛଡା ଅନ୍ୟକିଛି ହୋଇନପାରେ ବୋଲି ଆମର ଅନୁମାନରେ ଆପଣଙ୍କ ମତାମତ ଦେଇ କିଛି ଦ୍ୱିଧା ଥିଲେ ଦୂର କରିବାରେ ଆମର ସହଯୋଗ ରହିବ ନିଶ୍ଚୟ ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ : ୯୪୩୭୩୨୪୯୧୭*

# ତମସୋ ମାଂ ଜ୍ୟୋତିର୍ଗମୟ

## ଡାକ୍ତର ଅର୍ଚ୍ଚନା ମିଶ୍ର

ଆଲୋକର ସନ୍ତାନମାନବ ଯୁଗେ ଯୁଗେ ଅନ୍ଧକାରର ଅମୋଘ ଆକର୍ଷଣ ଓ ଆଶ୍ଳେଷ ମଧ୍ୟରେ ଛନ୍ଦିହୋଇ ଦିଗ୍‌ଭ୍ରାନ୍ତ ହୋଇ ଆସିଛି । ଅନନ୍ତ ଆଲୋକର ପ୍ଲାବନରେ ନିମଜ୍ଜମାନ ଥାଇ ବି ପ୍ରବୃତ୍ତିର ଅଦମ୍ୟ ଆସକ୍ତି ହେତୁ ସେ ପୁଣ୍ୟମୟ ଜ୍ୟୋତିର ସତ୍ତାକୁ ଉପଲବ୍ଧି କରିପାରିନି, ଅଥଚ ଆଲୋକର ଅମୃତସ୍ରାବି ରଶ୍ମୀ ତାହାର ଅନ୍ତରର ଅନ୍ତରତମ ପ୍ରଦେଶର ଘୋର ଅନ୍ଧକାରକୁ ଦୂର କରିବାକୁ ସଦାବେଳେ ତତ୍ପର । ଆଲୋକର ଆଲିଙ୍ଗନ ପାଇଁ ପବିତ୍ର ବାଣୀ "ତମସୋ ମାଂ ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଂ ଅମୃତଙ୍ଗମୟ" କେବଳ ଯେ ପ୍ରାଚ୍ୟ ଭୂଖଣ୍ଡରେ ଉଚ୍ଚାରିତ ହୋଇଛି, ତା ନୁହେଁ, ଏ ଆକାଂକ୍ଷା ସର୍ବବ୍ୟାପୀ । ଜ୍ଞାନ ଓ ଚୈତନ୍ୟର ପ୍ରତୀକ ଏହି ଆଲୋକର ଆଦି ଉତ୍ସ ଅଗ୍ନି । ସେହିଯୋଗୁ ପ୍ରଣବ ମନ୍ତ୍ରର ଦେବତା । ଶାସ୍ତ୍ରରେ ଯଥାର୍ଥରେ ଉଲ୍ଲେଖ ଅଛି "ଅଗ୍ନିସୂର୍ଯ୍ୟଂ ଆଦିତେୟଂ" । ଦୀପାବଳୀ ଶବ୍ଦ ହିଁ ଆଲୋକ ସମ୍ପର୍କିତ । ଦୀପ ଅର୍ଥ ଦୀପ୍ତ ହେବା, ଅଗ୍ରଗତି ଓ ଅସିମୀତା ଏହି ଆଲୋକର ଅନ୍ତଃସ୍ୱର । ମହାନ୍ ଆର୍ଯ୍ୟ ସନାତନ ଧର୍ମର ଆର୍ଯ୍ୟ ଋଷିମାନେ ଏହି ଆଲୋକ ପାଇଁ ସମୁଚ୍ଚାରିତ ଭାବେ ପ୍ରାର୍ଥନା କରୁଥିଲେ - 'ଦୀପଂ ଦେହୀ, ଜ୍ୟୋତିଂ ଦେହୀ' ।

ପୁଣ୍ୟଭୂମି ଭାରତରେ ଅନୁଷ୍ଠିତ ସମସ୍ତ ପର୍ବପର୍ବାଣୀର ପୃଷ୍ଠଭୂମିରେ ଥାଏ ଯେଉଁ ଅମୃତମୟ ଉଦ୍ଦେଶ୍ୟ, ତାହା ହେଉଛି ଧର୍ମ, ସତ୍ୟ, ଶାନ୍ତି, ପ୍ରେମ, ଅହିଂସାର ବିଜୟ ଏବଂ ସଂସ୍କୃତ ସଭ୍ୟତାର ସଂସ୍କୃତି ପାଇଁ ମାନବିକତା ଓ ସବୁ ଧର୍ମରେ ପ୍ରେମର ଧର୍ମର ଜାଗରଣ । ଅସତ୍ୟ ଜଗତରୁ ସତ୍ୟ ଜଗତକୁ ଯିବା ପାଇଁ ଅନ୍ଧକାରମୟ ପରିବେଶରୁ ଆଲୋକିତ ରାଜ୍ୟକୁ ଗତି କରିବା ପାଇଁ ଏବଂ ମୃତ୍ୟୁ ରାଜ୍ୟରୁ ଅମୃତତ୍ତ୍ୱ ଉପଲବ୍ଧି ପାଇଁ ମଣିଷର ଆକାଂକ୍ଷା ଜାତ ହୋଇଥାଏ । ଭଗବାନଙ୍କ ସୃଷ୍ଟ ଅମୃତ ସନ୍ତାନ ମଣିଷ ହେଉଛି ସତ୍ୟ, ନ୍ୟାୟ, ଧର୍ମ ଓ ଆଲୋକର ପ୍ରତୀକ । ପ୍ରତିବର୍ଷ ଏହି ପବିତ୍ର ଦୀପାବଳି ମଣିଷର ଅନ୍ତରର ମାନବୀୟ ମୂଲ୍ୟବୋଧର ବାଣୀକୁ ହିଁ ପୃଥିବୀ ପୃଷ୍ଠରେ ପ୍ରଚାରିତ କରିଥାଏ । କେବଳ ହିନ୍ଦୁ ଧର୍ମାବଲମ୍ବୀମାନେ ନୁହନ୍ତି, କୌଣସି ନିର୍ଦ୍ଦିଷ୍ଟ ଜାତି ବା ଧର୍ମ ଭିତରେ ସୀମିତ ହୋଇ ରହିଥିବା ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ମଧ୍ୟ ଦୀପାବଳୀ ପାଳନ କରିଥାନ୍ତି । ଜୈନଧର୍ମୀମାନେ ଚବିଶ ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ଉପଲକ୍ଷେ ଏହି ଦିବସଟିକୁ ପାଳନ କରିଥାନ୍ତି । ସେହିପରି ଏହି ପବିତ୍ର ଦୀପାବଳି ଅବସରରେ ଓଡ଼ିଆ ସାଧବପୁଅ ତାର ବୋଇତ ନେଇ ଦୂରଦେଶରେ ବାଣିଜ୍ୟ କରି ଫେରେ । ଆଉ ସ୍ୱାଗତ ଜଣାଇବା ପାଇଁ ଘରେ ଘରେ ଏହି ଦୀପାବଳୀ ହିଁ ଜଳାଯାଇଥାଏ । ଏହି ଦିବସରେ ପରଲୋକଗତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧ ଦିଆଯାଉଥିବାରୁ ଏହାକୁ ପୟା ଅମାବାସ୍ୟା ମଧ୍ୟ କୁହାଯାଇଥାଏ । ଲୋକବିଶ୍ୱାସ ରହିଛି ଯେ କୁମାର ପୂର୍ଣ୍ଣିମାଠାରୁ ଦୀପାବଳୀ ଅମାବାସ୍ୟା ପର୍ଯ୍ୟନ୍ତ ପିତୃପୁରୁଷମାନେ ପୃଥିବୀ ପୃଷ୍ଠରେ ରହି ବଂଶଧରଙ୍କ ଜୀବନଚର୍ଯ୍ୟାକୁ ଲକ୍ଷ କରିଥାନ୍ତି । ସେମାନେ ବିଦାୟ ନେଉଥିବା ସମୟରେ ମର୍ତ୍ତ୍ୟଲୋକର ପଥକୁ ଆଲୋକିତ କରିବା ପାଇଁ କାଉଁରିଆ କାଠି ଜଳାଯାଇ "ବଡ଼ବଡ଼ିଆ ହୋ, ଅନ୍ଧାରରେ ଆସ ଆଲୋକରେ ଯାଅ, ଗଙ୍ଗା ଯାଅ, ଗୟା ଯାଆ, କାଶୀ ଯାଅ, ଶ୍ରୀପୁରୁଷୋତ୍ତମ ଯାଅ, ବାଇଶି ପାହାଚରେ ଗଡ଼ଗଡ଼ଉ ଥାଅ, ଆମକୁ ଟିକିଏ ଚାହିଁଥାଅ" ବୋଲି ଆମେ ମେଲାଣି ଦେଇଥାଉ । ଏହି ପୟାଶ୍ରାଦ୍ଧ ପରେ ପଞ୍ଚବର୍ଣ୍ଣ ଚୂନରେ ଓଡ଼ିଆ ଘରର ଅଗଣାରେ ଗୋଟିଏ ଲେଖାଏ ନୌକାର ଚିତ୍ର ଅଙ୍କନ କରାଯାଇଥାଏ । ହିନ୍ଦୁ ପୁରାଣର ବର୍ଣ୍ଣନା ଅନୁଯାୟୀ ଏହି ପୁଣ୍ୟ ତିଥିରେ ସତ୍ୟନିଷ୍ଠ ରାମଚନ୍ଦ୍ର ପାପାଚାରୀ ରାବଣକୁ ନିଧନ କରି ଅଯୋଧ୍ୟାକୁ ଚଉଦ ବର୍ଷ ବନବାସ କରି ପ୍ରତ୍ୟାବର୍ତ୍ତନ ପରେ ତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅଜସ୍ର ଦୀପାଲୋକରେ ସୁସଜ୍ଜିତ କରାଯାଇଥିଲା । ସେହି ଶୋଭନୀୟ ସ୍ମୃତି ପାଇଁ ଆଜିର ଦୀପାବଳୀ ଉତ୍ସବର ସୂତ୍ରପାତ । ଅନ୍ୟ ଏକ ପୌରାଣିକ ମତାନୁଯାୟୀ ଏହି କାର୍ତ୍ତିକ ଅମାବାସ୍ୟା ଦିନ ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ଧାରଣ କରି ଇନ୍ଦ୍ରର ବଜ୍ରପାତ ପ୍ରକୋପରୁ ବ୍ରଜବାସୀଙ୍କୁ ରକ୍ଷା କରିଥିଲେ । ଆଉ ଏ ଦୀପାବଳି ଉତ୍ସବରେ ମହାମାୟା କାଳୀପୂଜା ଅନୁଷ୍ଠିତ ହୋଇଥାଏ । ମହାକାଳୀ ହେଉଛନ୍ତି ମହାକାଳର ପ୍ରତୀକ । ବିଷ୍ଣୁ ପୁରାଣରେ ଏହି ଦିବସଟିକୁ ଲକ୍ଷ୍ମୀଙ୍କର ମୁକ୍ତି ଦିବସ ରୂପେ ବର୍ଣ୍ଣନା କରାଯାଇ ଉଲ୍ଲେଖ ଅଛି – "ବଳକାରା ଗ୍ରହାଦ୍ଦେବୀ, ଲକ୍ଷ୍ମୀଶ୍ଚାପି ବିମୋଚିତା, ଲକ୍ଷ୍ମ୍ୟାସାର୍ଥଗତେ ଦେବାଃ, ନୀତି କ୍ଷୀରଦଧୌପୁନଃ ।" ଏହି ଦୀପାବଳୀ ଉତ୍ସବରେ ଉତ୍ତର ଭାରତ ଓ ମହାରାଷ୍ଟ୍ରରେ ଧନ୍ୱନ୍ତରୀ ପୂଜା ସମାହିତ ହୋଇଥାଏ ।

ଦୀପାବଳୀ ପର୍ବ ସହିତ ଆମର ସାଂସ୍କୃତି ଐତିହ୍ୟ ଓ ପରମ୍ପରା ବେଶ୍ ବିଜଡ଼ିତ । ପରଲୋକଗତ ପିତୃପୁରୁଷଙ୍କୁ ସ୍ମରଣ କରିବା ଆମ ସଂସ୍କୃତିର ଏକ ଶ୍ରେଷ୍ଠ ନୀତି । ଦୀପାବଳିର ଦୀପଶିଖାରେ ରହିଛି ଆତ୍ମୋତ୍ସର୍ଗ, ସମସ୍ତଙ୍କୁ ଭଲପାଇବା, ନିରାସକ୍ତ ଭାବେ ସେବା କରିବା, ଜାଗୃତି ଓ ଆତ୍ମୋତ୍ସର୍ଗର ସୂଚନା । ଦୀପାବଳିର ପବିତ୍ର ଆଲୋକର ଆହ୍ୱାନ ଆମ ଅନ୍ତଃକରଣକୁ ପବିତ୍ର କରୁ ।

***ସହଯୋଗୀ ପ୍ରଫେସର***
***ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ର***
***ଭଞ୍ଜ ମେଡିକାଲ କଲେଜ***
***ଫ୍ରେଣ୍ଡସ୍ କଲୋନୀ, କଟକ***
***ଦୂରଭାଷ : ୯୪୩୭୫୫୮୫୮୫***

## ଶୌଚମ୍ :-

*କଥା ଅଛି ଥରେ ତପସ୍ୱୀ ମୁନିଗଣ ବ୍ରହ୍ମବିଦ୍ୟା ପ୍ରାପ୍ତ କରିବା ପାଇଁ ଅଶ୍ୱପତି କେକୟରାଜଙ୍କ ପାଖରେ ପହଞ୍ଚିଲେ । କେକୟରାଜ ଆଗନ୍ତୁକ ମାନଙ୍କ ପାଇଁ ଯୋଗ୍ୟ ଆବାସର ବ୍ୟବସ୍ଥା କଲେ ଓ ସମସ୍ତଙ୍କ ପାଇଁ ଦୁଗ୍ଧ ଫଳହାରର ବ୍ୟବସ୍ଥା କଲେ । ସନ୍ଥମାନେ ଧ୍ୟାନ ଭୋଜନ କଲେ ମାତ୍ର ଆହାର ଗ୍ରହଣ କଲେ ନାହିଁ । ଯେତେବେଳେ ରାଜାଙ୍କୁ ଏହା ଜଣା ପଡିଲା ସେ ସେଠାରେ ଉପସ୍ଥିତ ହୋଇ ନିବେଦନ ପୂର୍ବକ କହିଲେ - ମୋର ରାଜ୍ୟରେ କେହି ଚୋର ନାହାନ୍ତି । କେହି ମଦ୍ୟପ ନାହାଁନ୍ତି । ବୃଦ୍ଧ, ସ୍ତ୍ରୀ ମାନଙ୍କର ସମୁଚିତ ସମ୍ମାନ କରାଯାଉଛି । ପିଲାମାନଙ୍କ ପାଇଁ ଶିକ୍ଷାର ଉତ୍ତମ ବ୍ୟବସ୍ଥା ରହିଛି । ସମସ୍ତଙ୍କୁ ନିଜ ଇଚ୍ଛା ଅନୁସାରେ ଧର୍ମକର୍ମ କରିବାର ସୁବିଧା ଦିଆଯାଇଛି । ପ୍ରଜାମାନଙ୍କ ଠାରୁ ଜବରଦସ୍ତି କର ଆଦାୟ କରାଯାଉନାହିଁ । ସେମାନେ ନିଜ ଇଚ୍ଛାରେ ସମୟ ଅନୁସାରେ କର ପୈଠ କରି ରାଜଭଣ୍ଡାର ଭରିଥାନ୍ତି । ତେଣୁ ହେ ସନ୍ତଗଣ ! ଭୋଜନ ଗ୍ରହଣ କରନ୍ତୁ । ଟିକେ ବିଚାର କରନ୍ତୁ ଆଜିକାର କେଉଁ ପ୍ରଶାସନ ନିର୍ଭୟ ଓ ସଙ୍କୋଚତାର ସହ ଏଭଳି କହି ପାରୁଛନ୍ତି ?*

*ଯେତେବେଳେ ଆମେ ଘର ପାଇଁ ବର୍ଷକ ଚାଉଳ କିଣିବାକୁ ଯାଉଥାଏ ସେତେବେଳେ ପ୍ରଥମେ କିଛି ନମୂନା ଘରକୁ ଆଣି ପରଖି ଥାଏ । ଦାନାର ଲମ୍ବା କେତେ, ଭଲଭାବେ ହେବା ପାଇଁ କେତେ ସମୟ ଲାଗୁଛି, ସ୍ୱାଦରେ ଭଲ ଅଛି କି ନାହିଁ ଇତ୍ୟାଦି ପରଖି ଥାଏ । ସେମିତି ଆମ୍ବ କିଣିବା ବେଳେ ଦୋକାନୀକୁ କହି ପାରୁଛେ, ଭାଇ ! ଖଟା ହେଲେ ଫେରାଇଦେବି । ପରନ୍ତୁ ଯେତେବେଳେ ପତିଦେବ ଘରକୁ ମାସକ ଦରମା ନେଇଆସି ହାତକୁ ଧରାନ୍ତି ତେବେ କେତେଜଣ ପଚାରନ୍ତି, ଏ ଟଙ୍କା ରାମଙ୍କର ନା ହାରାମଙ୍କର ? ଯେତେ ଟଙ୍କା ଘରକୁ ଆସିଲେ ବି କମ ପଡିଯାଏ । ତେବେ ପଚାରିବେ କାହିଁକି ? ବିଚାର କରନ୍ତୁ ଶୁଦ୍ଧତା ସମାଜରେ ଆଣିବା କିମ୍ବା ବ୍ୟକ୍ତି ଭିତରେ ଆସିବା କିପରି ସମ୍ଭବ ?*

*ଆମେ ସମସ୍ତେ ଆଶା ଆଉ ତୃଷ୍ଣାର ଜଞ୍ଜିରରେ ବନ୍ଧା ହୋଇଛେ । ଏହାଠାରୁ ମୁକ୍ତ ହେବାକୁ ପଡିବ । ଯେତେ ତୃଷ୍ଣା ପୂର୍ଣ୍ଣ କରିବା ସେତେ ଅଧିକା ଆକାଂକ୍ଷା ବଢ଼ି ଚାଲିବ । ମନେ ରଖନ୍ତୁ ପାଣି ଛିଞ୍ଚିବା ଜାରି ରହିଲେ ବଗିଚ କେବେବି ଶୁଖିବ ନାହିଁ । ଛିଞ୍ଚିବା ବନ୍ଦ କରିଦେଲେ ଧିରେ ଧିରେ ବଗିଚ ସ୍ୱତଃ ଶୁଖିଯାଏ । ଯେପର୍ଯ୍ୟନ୍ତ ଆମେ ବିଷୟଭୋଗର ଦ୍ୱାର ବନ୍ଦ ନ କରିଛେ ସେ ପର୍ଯ୍ୟନ୍ତ ଶୌଚ ସମ୍ଭବ ନୁହେଁ । ଅତଃ ପ୍ରଥମେ ଧନର ଶୁଦ୍ଧି ଆବଶ୍ୟକ । ମନୁସ୍ମୃତି କହିଥାଏ, "ସର୍ବେଷାମେବ ଶୌଚାନାମର୍ଥ ଶୌଚଂ ପରଂ ସ୍ମୃତମ୍- ଅର୍ଥାତ୍ ଶୁଦ୍ଧି କରିବା ପାଇଁ ପ୍ରଥମେ ଧନକୁ ପବିତ୍ର କରିବା ଆବଶ୍ୟକ । ସୁଭାଷିତ କହିଛନ୍ତି :-*

*ଜଳେନ ଗାତ୍ରାଣି ଶୁଦ୍ଧ୍ୟନ୍ତି ମାଃ ସତ୍ୟେନ ଶୁଦ୍ଧ୍ୟନ୍ତି ।*

*ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧ ଜ୍ଞାନେନ ଶୁଦ୍ଧ୍ୟନ୍ତି ।।*

*ଶରୀରର ଶୁଦ୍ଧିକରଣ ଜଳଦ୍ୱାରା ହୋଇଥାଏ । ବୃଦ୍ଧିର ଶୁଦ୍ଧି ଶାସ୍ତ୍ର ଚିନ୍ତନ, ମନନ, ନିଦିଧ୍ୟସନ ଦ୍ୱାରା ହୋଇଥାଏ । ଶ୍ରୀମଦ୍ ଭଗବତ୍ ଗୀତା ଶ୍ରଦ୍ଧାତ୍ରୟ ବିଭାଗ ଯୋଗରେ ପ୍ରଭୁ କହିଛନ୍ତି :-*

**(କ୍ରମଶଃ)**





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୩୪

# ସମ୍ପର୍କର ସୂତା ଖିଅ

**କି**ନ୍ତୁ ପାଞ୍ଚବର୍ଷ ତଳେ ଘଟିଥିବା ଘଟଣାଟା ଅମୂଲ୍ୟକୁ ଏତେ ଗଭୀର ଆଘାତ ଦେଇଥିଲା ଯେ ସେ ପ୍ରତିଜ୍ଞା କରିଥିଲା ଜୀବନରେ କେବେ ବି ଭଉଣୀ ଘରର ପାହାଚ ସ୍ପର୍ଶ କରିବ ନାହିଁ, ମରିଗଲେ ମଧ୍ୟ।

ଅମୂଲ୍ୟର ବଡ ଝିଅ ବାହାଘର ବେଳର କଥା। ଭଲ ପ୍ରସ୍ତାବଟେ ଆସିଥିଲା। ଜ୍ୱାଇଁ ଦ୍ୱିତୀୟ ଶ୍ରେଣୀ ଅଫିସର, ରାଜ୍ୟ ସରକାରଙ୍କ ଅଧିନରେ। ଦେଖିବାକୁ ବେଶ୍ ସ୍ମାର୍ଟ, ଗୋରା। ଅଥଚ ସେମାନଙ୍କର ଦାବି ଥିଲା ବାଟ ଖର୍ଚ୍ଚ ବାବଦକୁ ନଗଦ ସତୁରୀ ହଜାର ଟଙ୍କା। ଗାଡି, ଟିଭି, ଫ୍ରିଜ୍ ଆଦି ଅଲଗା।

ଏପରି ଗୋଟେ ଆକର୍ଷଣୀୟ ପ୍ରସ୍ତାବକୁ ହାତଛଡା କରିବାକୁ ନ ଦେଇ, ଅନେକ ଭାବିବା ପରେ ସେ ଯାଇ ପହଞ୍ଚିଲା ଭଉଣୀ ପାଖରେ। ମାଗିଥିଲା ତିରିଶ୍ ହଜାର ଟଙ୍କା, ଛ'ମାସ ଭିତରେ ଫେରାଇ ଦେବାର ପ୍ରତିଶ୍ରୁତି ଦେଇ।

ପ୍ରଣତୀ ଦେବୀ ଇତସ୍ତତଃ ହେଉଥିବା ବେଳେ ଭୁବନମୋହନ ବାବୁ ରୋକ୍‌ଠୋକ୍ ଶୁଣାଇଲେ - "ତିରିଶ ହଜାର ଟଙ୍କା ଯଦି ମୋ ନିଜ କାମରେ ଲାଗିଲା, ତେବେ ମାସକୁ ସେଥିରୁ ମୁଁ ପାଞ୍ଚହଜାର ରୋଜଗାର କରି ସାରିଥିବି। ତେବେ ବନ୍ଧୁ, ତମେ ମାସକୁ କେତେ ଦେଇପାରିବ ?

ସ୍ତମ୍ଭୀଭୂତ ହୋଇଗଲା ଅମୂଲ୍ୟ। କାନମୁଣ୍ଡା ଆଉଁସି ଏକମୁହା ହୋଇ ଫେରି ଆସିଲା। ଆସିଲା ଯେ ଆସିଲା, ଜୀବନ କାଳ ଭିତରେ ଭୁଲିଗଲା ଭଉଣୀ ଘରକୁ।

ଏବେ, ସେଇ ଭଉଣୀ ଠିଆ ହୋଇଚି ତା' ଟାଇପଟୁ କ୍ୱାର୍ଟରର ଦ୍ୱାରବନ୍ଧ ପାଖରେ, ପେଟରେ କ୍ଷୁଧାର ଇସ୍ତାହାର ଓ ସାଙ୍ଗରେ ବଢ଼ିଲା ଝିଅ ମମତାକୁ ଧରି।

ଗୋଟେ ନିଷ୍କପଟ ବନ୍ଧନରେ ଆବଦ୍ଧ ହୋଇ ଭାଇଭଉଣୀ କାନ୍ଦିଲେ ଅନେକ ସମୟ। ସେ ଯେ ବର୍ତ୍ତମାନ କପର୍ଦ୍ଦକ ଶୂନ୍ୟ ଏବଂ ଟିକିଏ ଆଶ୍ରୟ ପାଇଁ ବଡ ଆଶା ନେଇ ଏଠିକି ଆସିଛି ଝିଅ ସହିତ, ଏକଥା ସୂଚାଇବା ପାଇଁ ପ୍ରଣତୀ ଦେବୀ ଥିଲେ ଥିଲେ କଇ କଇଁ ହୋଇ କାନ୍ଦି ଉଠିଲେ ଖୁବ୍ ଜୋରରେ।

ଅମୂଲ୍ୟ ଭଉଣୀ ଆଖିରୁ ଲୁହ ପୋଛି ଦେଇ କହିଲା- ଅପା, ଆଜିଠାରୁ ତୁ ଓ ମମତା ମୋ ଘରର ଜଣେ ଜଣେ ସଦସ୍ୟ। ତୋ ଘର ପରି ଖିରୀପୁରୀ ସିନା ଦେଇପାରିବିନି, ହେଲେ ଭାତ ଡାଲି ଟିକେ ତୋ ପାଖରେ ପହଞ୍ଚିବାକୁ କେବେ ବି ବିଳମ୍ବ ହେବନି। ମୁଁ, ତୋ ଭାଇ ବଞ୍ଚିଛି ପରା ଏବେ ବି! ଦେ', ପୋଛିପକା ଲୁହ। ବର୍ତ୍ତମାନକୁ ସାମ୍ନା କର। ଅତୀତକୁ ଭୁଲି ଯା'। ଦେଖିବୁ ସବୁ ଠିକ୍ ହୋଇଯିବ।

କନକ ଆସି କୋଳେଇ ନେଲା ମମତାକୁ। ନିଜ କାନିରେ ପୋଛି ଦେଲା ତା' ଘମାକ୍ତ ମୁହଁ ଏବଂ ଯୋଗକଲା- ହଁ ଅପା, ତମ ଭାଇ ଠିକ୍ କହିଛନ୍ତି। ଏ ଘର ଆଜିଠାରୁ ତୁମର। ତମେ ଏ ଘରର ମୁରବୀ। କୁଣିଆ ହୋଇ ନୁହେଁ, ଘରର ସର୍ବମୟ କର୍ତ୍ତୀ ହୋଇ ତମେ ଏଠି ରହିବ ଏବଂ ଆମକୁ ଭଲମନ୍ଦରେ ଆକଟ କରିବ, ହେଲା!

ଦୁଇବୁନ୍ଦା ଆନନ୍ଦାଶ୍ରୁ ଗଡ଼ିଆସିଲା ପ୍ରଣତୀ ଦେବୀଙ୍କ ଆଖିକୋଣରୁ। ସେ ବିଗଳିତ ହୋଇପଡିଥିଲେ ସାନଭାଇ ଓ ତା'ର ସ୍ତ୍ରୀର ଆନ୍ତରିକତା ଆଉ ନିଷ୍ଠା ଦେଖି। ନିଜକୁ ଭାରି ଛୋଟ ମଣିଥିଲେ ସେ ଦୁହିଁଙ୍କ ବିଶାଳ ବ୍ୟକ୍ତିତ୍ୱ ସାମ୍ନାରେ।

ରାତି ଯାଇ ଦିନ, ଦିନ ଯାଇ ରାତି, ଏହା ହିଁ ସଂସାରର ନିୟମ। ଏବେ ପଛକୁ ଫେରି ଚାହିଁଲେ ଆଖିପାଏନା। କେତେ ଅଳୀକ, କେତେ ତୁଚ୍ଛ ଧନପ୍ରାଚୁର୍ଯ୍ୟର ଅହଙ୍କାର? ଏଇ କେଇ ମାସ ପୂର୍ବେ ସବୁ ଥିଲା, ବ୍ରହ୍ମାଣ୍ଡର ସବୁ ସୁଖ କିଣିବା ପାଇଁ ମନ ବଳୁଥିଲା। ଥିଲା ସ୍ୱାମୀ ପୁତ୍ର କନ୍ୟାର ଏକ ଭରପୁର ସଂସାର। ହେଲେ ପାହାନ୍ତି ରାତିର ସ୍ୱପ୍ନ ପରି, ସମୁଦ୍ର ଜୁଆରର ଫେନିଳ ବୁଦ୍‌ବୁଦ୍ ପରି କୁଆଡେ ଉଭେଇ ଗଲା!!

ଦୀର୍ଘଶ୍ୱାସଟିଏ ମଞ୍ଜି ଥରାଇ ବାହାରି ଆସିଲା। ପ୍ରଣତୀ ଦେବୀ କଡ଼ ଲେଉଟାଇଲେ। ରାତି ବାରଟା ଟପିଲାଣି। ଅଥଚ ତାଙ୍କ ଆଖିକୁ ନିଦ ନାଇଁ।

ଶୈଶବ, କୈଶୋର ଓ ଯୌବନରେ ଯେଉଁ ଅପରିମିତ ଐଶ୍ୱର୍ଯ୍ୟମୟ ପୃଥିବୀରେ ଭାସି ବୁଲୁଥିଲା ମମତା, ଗୋଟାଏ ବେଲୁନ୍ ପରି ଠୋ କିନା ଫାଟିଗଲା। ମାମୁଁ ଘରେ ରହିବା ପାଇଁ କିଛି ଅସୁବିଧା ନଥିଲା। ମାମୁଁ ମାଇଁ ଓ ସେମାନଙ୍କ ପିଲାମାନେ ତାକୁ ପ୍ରଚୁର ଶ୍ରଦ୍ଧା କରୁଥିଲେ। ଅଥଚ ଏସବୁ ଭିତରେ ଗୋଟେ ଅସ୍ଥିର ଉଦ୍‌ବେଗର ଦୟନୀୟ ସ୍ୱର ବେଳେବେଳେ ଶୁଭିଯାଏ ତା' କାନ ପାଖରେ ସେ ସ୍ୱର ଧୀରେ ଧୀରେ କାୟା ବିସ୍ତାର କରି ଝାଁ ଝାଁ ଶବ୍ଦରେ ପରିଣତ ହୁଏ ଏବଂ ଆକ୍ରାନ୍ତ କରିପକାଏ ତା' ସମଗ୍ର ସତ୍ତାକୁ।

ଧୀରେ ଧୀରେ ତା'ର ଆସକ୍ତି ପୋତି ହୋଇପଡୁଥିଲା ମୋହମୁକତ ନିର୍ଲିପ୍ତତାରେ। କୁଆଡେ ହଜିଗଲା ତା' ସ୍ୱପ୍ନ? ଅଜସ୍ର କ୍ଳାନ୍ତି ଓ ହାଇ ଭିତରେ, ଅପାରଗ ହାହାକାର ଓ ଅସହାୟତା ଭିତରେ ଫେଣ୍ଟି ହୋଇଯିବା ବ୍ୟତୀତ ଜୀବନକୁ ନେଇ ଆଉ କେଉଁ ବ୍ୟବସ୍ଥା କରାଯାଇପାରେ ଏବେ? ପ୍ରତିଶ୍ରୁତିହୀନ ସମୟ ଛଡ଼େଇ ନେଇଛି ଉତ୍ସାହଦୀପ୍ତ ଯୌବନର ସବୁ ସ୍ୱପ୍ନ। ଏବେ ଲାଗୁଛି ଯାବତୀୟ ରୋଗର ଜୀବାଣୁ। ଖାସ୍ ସେଇଥିପାଇଁ ଉତ୍ସାହ ଓ ଫୁର୍ତ୍ତିରେ ଏକଦା ଚହଲି ଉଠୁଥିବା ମନ ଏବେ ରହି ରହି ଥରିଉଠୁଛି କି? ଆନ୍ଦୋଳିତ ହୋଇଯାଉଛି କି?

କାହାକୁ ସେ ଖୁନ୍ କରିପକାଇଛି ? ତେବେ ଏତେ ଡର, ଏତେ ଆଶଙ୍କା, ଏତେ ହୀନମନ୍ୟତାର ହେତୁ କ'ଣ? କାହାକୁ ସାମ୍ନା କଲାବେଳେ ଏକ ଉତ୍‌ପୀଡନରେ ସେ ହନ୍ତସନ୍ତ ହୋଇଯାଉଛି କାହିଁକି? ଏତେ ଭୀରୁ, ଏତେ ଆତଙ୍କିତ କେବେ ସେ ହୋଇଥିଲା କି ଆଗରୁ?

ମନ ଚାହୁଁଥିଲା ସମସ୍ତଙ୍କଠାରୁ ଅଦୃଶ୍ୟ ହୋଇଯିବାକୁ ମୋଟାମୋଟି କଥା ହେଲା ସେ କିଛି ଗୋଟାଏ କରିବାକୁ, କିଛି ଗୋଟାଏ କାହାକୁ କହି ପକାଇବାକୁ ଉଦ୍ୟତ ହେଉଥିଲା ଭିତରେ ଭିତରେ। ରକ୍ତାକ୍ତ ହୃଦୟରେ ନିରବ କାନ୍ଦଣା କାନ୍ଦୁଥିଲା। ପୂତିଗନ୍ଧମୟ ନର୍କ ଭିତରେ ପୋତି ହୋଇଯାଇଥିବା ଜୀବନକୁ ତା' ଭିତରୁ ଉଠାଇ ଏକ ସାବଲୀଳ ଆକାର ପ୍ରଦାନ କରିବାର ମାନସିକତା କ୍ରମେ ଦୂରେଇ ଯାଉଥିଲା ତା' ପାଖକୁ।

ସୁରେନ୍ଦ୍ର ସହିତ ପହିଲି ସାକ୍ଷାତର ସେଇ ପୁଲକିତ, ଅନନ୍ୟ ଆବେଗର କଥା ଏବେ ରହି ରହି ପଶି ଆସୁଛି ମନ ଭିତରକୁ। ଦିଶିଯାଉଛି ଗୋଟେ ଅତିନ୍ଦ୍ରୀୟ ଦୃଶ୍ୟ। ଦୁର୍ଗାପୂଜା ଅବସରରେ କଲେଜ ଛକଠାରେ 'ଜିକ୍-ଜ୍ୟାକ୍' ମେଲୋଡିର ଷ୍ଟେଜ୍ ଉପରେ ଠିଆହୋଇ ହିନ୍ଦୀ ଗୀତଟିଏ ବୋଲି ଅଜସ୍ର କରତାଳିରେ ପୋତି ହୋଇପଡୁଥିବା ଜଣେ ସୌମ୍ୟଦର୍ଶନ ଯୁବକର ଗୋରା ମୁହଁ। ସେ ମୁହଁରେ ଖଣ୍ଡାଧାର ପରି ନାକ। ନାକ ତଳକୁ କଳା ମୁଚ୍‌ମୁଚ୍ ନିଶ। ଟଣା ଟଣା କଥାକୁହା ଆଖି। ସେ ଆଖିର ଗଭୀରତାରେ ଉଛୁଳୁ ମୁଛୁଳୁ ପ୍ରେମ। ସେ ପ୍ରେମରେ ଉବୁଟୁବୁ ଝିଅଟିଏ!

(କ୍ରମଶଃ)

## ବିଚ୍ଛିନ୍ନ କବିତା



## ହିଡମାଟି

ବିନୟ ଭୂଷଣ ପାଣିଗ୍ରାହୀ



**ଗ**ରିବ ଚାଷିଟେ ଯେବେ
ଆଗକୁ ପଛକୁ ନଚାହିଁ
ବାରମ୍ବାର ହାରୁଥିବା ଜୀବନକୁ
ହାରିଦେଇ କିଆରି ପାଖରେ
ଲମ୍ବଖମ୍ବ ହେଇ ଶୋଇଯାଏ
ପାଖରୁ ଦେଖିଲେ ଲାଗେ;
ସତେଅବା ହିଡପରେ
ନିଜହାତେ କତି ମାରି
ଲଦିଥିବା ହିଡମାଯି ସିଏ।

ଡରଲାଗେ ସିଧା ଚାହିଁବାକୁ
ସର୍ବହରା ଚାଷୁଣି ମୁହଁକୁ,
ତା'ଆଖି ଲୁହରେ ଜଡସଡ ହେଇ
କାତରା ଦିଶୁଥିବା ତା'ପିଲାଛୁଆଙ୍କୁ,
ନେଡିରେ ଲୁହକୁ ପୋଛି
ବିକଳରେ ଆଉଁସୁଥାନ୍ତି ସେମାନେ
ନୀରବି ଯାଇଥିବା
ସେଇ ହିଡମାଟିକୁ ଏମିତି
ଯେମିତି ସେ ନିଷ୍ପ୍ରାଣ ଶରୀରକୁ
ବାହୁଡିବ ପ୍ରାଣ ପୁଣିଥରେ।

କାହିଁକି କେଜାରି ଯୁ' କୁଳାଏନି
ସାହସ ଦେବା ଆଳରେ
ବୁଝେଇସୁଝେଇ କହିବାକୁ,
"ଗଲାଲୋକ ତ ଗଲାଣି,
ବାହୁନିଲେ କିବା ଲାଭ ଆଉ,
ଆଉ, ଗଡାଅନି ଲୁହ ଅଯଥାରେ
ଗଲା ଲୋକ ଫେରିବନି ଆଉ
ବରଂ, ଶ୍ରେୟସ୍କର ହେବ
ପିଲାଙ୍କ ମୁହଁକୁ ଚାହିଁ ତୁନି ପଡ଼ିଗଲେ।'



ସବୁଠାରୁ ବେଶୀ ଦୁଃଖଲାଗେ,
ସରିଗଲେ ଶବ ବ୍ୟବଚ୍ଛେଦ;
ରିପୋର୍ଟରେ ଲେଖାଥାଏ,
'ବିଷକ୍ରୀୟା, ଶ୍ୱାସରୁଦ୍ଧି, ଉଚ୍ଚ ରକ୍ତଚାପ
ଏଇମିତି କିଛି ଥିଲା ମୃତ୍ୟୁର କାରଣ'।;
କେଉଁଠି ତ ଲେଖା ନଥାଏ କାହିଁ,
'ଅତ୍ୟଧିକ ଋଣଭାର,
ଶସ୍ୟହାନି, ଅଭାବ-ଅନଟଣ,
ଅବା ସାହୁକାର ଜୁଲମ
କିମ୍ବା, ସେମିତି ଆଉକିଛି
ପ୍ରାଣ ନେଲା ବୋଲି!!'

ଘୃଣାଲାଗେ ଶୁଣିବାକୁ ଟିଭିରେ ବିତର୍କ
ନେତା ଆଉ ମନ୍ତ୍ରିଙ୍କ ବୟାନବାଜି,
ଅର୍ଥହୀନ, ଅପହଁଚି ଓ ଅଦୂରଦର୍ଶୀ
ମାଳମାଳ ଯୋଜନାକୁ ନେଇ।

ଲାଜଲାଗେ କହିବାକୁ,
"ଯୋଜନାର ମାଳ ଲମ୍ବିଥାଏ
କୋଶେ ଛାଡି ସମାନ୍ତରାଳରେ
ଯାହାକୁ ଆଶାୟୀ ଆଖିରେ ଚାହିଁ
ଗରିବୀର ଭାର ବୋହୁବୋହୁ,
ଚାଷି ତା'ହିଡରେ ହିଡମାଟି ହୁଏ।

ହରସିଂହପୁର, ପୀରହାଟ ବଜାର
ଭଦ୍ରକ-୭୫୬୧୩୧
ଦୂରଭାଷ : ୯୪୩୮୬୭୦୧୨୦

## ଅଭ୍ୟାସ



ଗଜାନନ ମିଶ୍ର



**କ**ରୁଛି ଅଭ୍ୟାସ
ଆଉ ଚଳୁଛି ଏମିତି
ଭଙ୍ଗା ହାତଗୋଡ ନେଇ
ଯା ଛଡା ନାଇଁ ଅନ୍ୟ ଗତି।

ରହିବାକୁ ଜାଗା ନାଇଁ
ଅଥଚ ରହିବାକୁ ପଡୁଛି,
ଯିବାକୁ ପଥ ଅଛି ଦିଶୁ ନି,
ଯାଉଛି, ଯାଉଛି ପଡୁଛି ଜଣା।

ତଉଲୁ ତଉଲୁ ସତ ମିଛ
ଯାଉଛି ଘଟି କେତେ କଥା
ସାରା ଦିନ ସାରା ରାତି
ଅସହ୍ୟ ମୁଣ୍ଡ ବ୍ୟଥା।


ଯାହା ପାଖରେ ଅଛି ଯେତେ
ହାଇଁ ହାଇଁ ସିଏ ସେତେ
ସୀମା ନାଇଁ ଆକାଶର ଜାଣି ବି
ଗାମୁଛା ଫୋପାଡି ବାନ୍ଧୁଛି କେତେ!

ତୁଚ୍ଛା ଅଭ୍ୟାସ ପୂରା ଆକାଶ
ଶୂନ୍ୟ ସଂହିତା ପଢୁନି ଆଖିପତା
ମାଲ ପିଇଦେଇ ଅମରମତା
ରହୁଛି ରହି ରହି ଯାଉଛି ରାସ ଏଇଟା।

ତପୋବନ, ଟିଟିଲାଗଡ, ବଲାଙ୍ଗିର

# ଅବ୍ୟକ୍ତ ବେଦନା

ମୂଳ ହିନ୍ଦୀ- ରାଜକମଲ ସାକସେନା
ଅନୁସୃଜନ- ବିନୟ କୁମାର ଦାସ



ମନକୁ ଯେତେ ବୁଝାଇଲେ ବି ମନ ଜମାରୁ ବୁଝୁନଥିଲା । ବୃଦ୍ଧଜଣକ ପୁଣି ଯାଇ ସେଇ ସ୍କୁଲରେ ପହଂଚିଗଲେ ।

" ବାବା , ପୁଣି ଆପଣ ଆସିଗଲେ ? କେତେଥର ମୁଁ ମନା କରିସାରିଲିଣି ଦିବ୍ୟାଂଶ ମିଶ୍ର ନାମରେ କୌଣସି ଛାତ୍ର ଏଠାରେ ପଢୁନାହାନ୍ତି । ଅଥଚ ଆପଣ ମୋ କଥାକୁ ଜମା ବିଶ୍ୱାସ କରୁନାହାନ୍ତି । " ପ୍ରଧାନ ଶିକ୍ଷୟିତ୍ରୀ ବୁଝାଇବା ଢଂଗରେ କହି ତାଙ୍କୁ ସାମ୍ନା ଚୌକୀରେ ବସିବାକୁ ଇସାରା କଲେ ।

" ହେଲେ ମାଡାମ୍, ମୋତେ ତ ଲୋକମାନେ ଏଇ ସ୍କୁଲ ର ନାମ କହୁଛନ୍ତି । ମୁଁ ଆପଣଙ୍କୁ ମୋ ମନରୁ କହୁନାହିଁ । ମୋ ଉପରେ ଦୟାକରି ବିରକ୍ତ ହୁଅନ୍ତୁ ନାହିଁ । " ବୃଦ୍ଧଜଣକ ନିଜର ଦୁଇ ହାତ ଯୋଡି କହିଲେ ।

" ଆପଣ ବାରମ୍ବାର ଆସୁଛନ୍ତି । ମୁଁ ମନା କଲା ପରେ ବି ଆସୁଛନ୍ତି । ଅସଲ ରେ କଥାଟି କଣ ମୋତେ କହିଲେ । ମୁଁ ପ୍ରକୃତ ଘଟଣା କଣ ଜାଣିବାକୁ ଚାହୁଁଛି । "

" ସତକଥା ହେଲା..ଦିବ୍ୟାଂଶ ମିଶ୍ର ମୋ ନାତି । ଦୀର୍ଘ ସାତବର୍ଷ ହେଲା ମୁଁ ତାକୁ ଦେଖିନାହିଁ । ତାକୁ ଯେତେବେଳେ ମାତ୍ର ଆଠମାସ ହୋଇଥିଲା ତା ମାଆ ମାନେ ମୋ ବୋହୂ ଆମ ଠାରୁ ଅଲଗା ରହିବା ପାଇଁ ତାକୁ ତା ସହିତ ନେଇ ଚାଲିଗଲା । ଏକ ରାସ୍ତା ଦୁର୍ଘଟଣାରେ ମୋ ପୁଅର ମୃତ୍ୟୁ ହୋଇଯିବା ପରେ ସେ ମୋ ସହିତ ଝଗଡା କରି ସଂପତିସବୁ ଭାଗ କରିବା ପରେ ସେ ଆମ ଠାରୁ ଦୂରେଇ ଯାଇଛି । ମୁଁ ଖବର ପାଇଲି ଏତେ ବର୍ଷପରେ ସେ ଏଇ ସହରକୁ ଆସିଛି । ଏଇଠାରେ ହିଁ ବସବାସ କରୁଛି ତା ପୁଅ ସହିତ । ପୁଅ ଏଇ ସ୍କୁଲ ରେ ହିଁ ପଢୁଛି । ତାକୁ ଟିକେ ଆଖି ପୂରେଇ ଦେଖିବା ପାଇଁ ମୋ ମନ ବ୍ୟାକୁଳ ହେଉଛି ମାଡାମ୍ । " କହୁକହୁ ସେ କାନ୍ଦି ପକାଇଲେ ।

" କିନ୍ତୁ ମୁଁ କଣ କରିବି କୁହନ୍ତୁ ବାବା... ଯେଉଁ ନାମ ଆପଣ କହୁଛନ୍ତି ସେମିତି କୌଣସି ପିଲା ହିଁ ଏଠାରେ ନାହାନ୍ତି । ତେବେ ସେମିତି ପାଖାପାଖି ନାମରେ ଜଣେ ପିଲା ଅଛି । ତା ନାମ ଦେବାଂଶ ।"

" ଦେବାଂଶ ! ହଉ ଆପଣ ମୋତେ ସେହି ପିଲା ସହିତ ଟିକେ ଦେଖା କରାଇ ଦିଅନ୍ତୁ । ସେ ମୋ ନାତି ହୋଇଥାଉ କି ନହୋଇ ଥାଉ..ତାକୁ ଟିକେ ଦେଖିନେବି ।" ବୃଦ୍ଧଙ୍କ ଆଖିରେ କିଛି ଆଶା ର ଆଲୋକ ଝଲସି ଉଠିଲା । ପ୍ରଧାନ ଶିକ୍ଷୟିତ୍ରୀ ତାକୁ ଡକାଇ ପଠାଇଲେ ।

" ତୁମ ନାମ କଣ କିରେ ?" ପିଲାଟିର ମୁଣ୍ଡରେ ହାତ ବୁଲାଉ ବୁଲାଉ ବୃଦ୍ଧ ପଚାରିଲେ ତାକୁ ।

" ଦେବାଂଶ ମାଥୁର ।"

" ବାଃ ସୁନ୍ଦର ନାମ । ଆଉ ତୁମ ବାପାଙ୍କ ନାମ ?"

" ସଦାଶିବ ମାଥୁର ।"

" ମାଆଙ୍କ ନାମ... ସନ୍ଧ୍ୟା ମାଥୁର କି ?"

" ହଁ, କିନ୍ତୁ ଆପଣ କେମିତି ଜାଣିଲେ ? ଚିହ୍ନିଛନ୍ତି ତାଙ୍କୁ ?" ବହୁତ ଆଗ୍ରହସହକାରେ ପଚାରିଲା ପିଲାଟି ।

ପିଲାର କିଛି କଥା ଆଉ ତାଙ୍କୁ ଶୁଭୁନଥିଲା । ସନ୍ଧ୍ୟା ନାମ ଶୁଣିବା ପରେ ସେ ଅତୀତକୁ ଫେରିଗଲେ । ସବୁ ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା । କିଛିକ୍ଷଣ ପାଇଁ ତାଙ୍କୁ କିଛି ଦେଖାଗଲା ନାହିଁ । ସେ କିଛି କହିବା ପାଇଁ ଚାହୁଁଥିଲେ ବି କହିପାରିଲେ ନାହିଁ । ତାଙ୍କ ଗଳା ରୁନ୍ଧି ହୋଇ ଆସୁଥିଲା । ଥରଥର ହାତରେ ସେ ଦେବାଂଶର ମଥାରେ ହାତ ବୁଲାଇ ଆଣି ମନର ଅବ୍ୟକ୍ତ ବେଦନାକୁ ଛାତିରେ ଚାପି ରଖି କହିଲେ, " ଯାଅ ଦେବାଂଶ, ତୁମେ ତୁମ କ୍ଲାସକୁ ଯାଅ । ଈଶ୍ୱର ତୁମକୁ ଭଲରେ ରଖିଥାନ୍ତୁ । "

ନିଜ ଆଖିରୁ ଝରିଆସୁଥିବା ଲୁହ କେଇ ବୁନ୍ଦାକୁ ଗାମୁଛାରେ ପୋଛି ଡରଡର ପଦକ୍ଷେପରେ ସେ ସେଠାରୁ ଉଠି ଚାଲି ଆସିଲେ ।

ଅନାମିକା ନୀଡ, ଅଙ୍ଗାରଗଡିଆ, ବାଲେଶ୍ୱର
ଦୂରଭାଷ : ୯୮୬୧୦୧୮୩୬୯

## ବୁଦ୍ଧିଜୀବୀ

ପ୍ରଦୀପ ବନ୍ଧ





**ମୋ** ଓଠର
ଖୋଲା ହସ ଯେତେ
ତୁମ ନାଟକବାଜିର
ନାସ୍ତିକ ପାଣିଆରେ
ଛୁ ମନ୍ତର ଭଳି
ଉଭେଇ ତ ଯିବି!

ନିଖୁଣ ଚିତ୍ର ଖାତାରେ
ମୋର ବୋଧେ ସ୍ଥାନ ନାହିଁ
ଆଲୁଅ ପରି ଅନ୍ଧାରରେ
ଅଦିନିଆ ଲୁହ ହୋଇ
ଡରରେ ଆଖି କୋଣେ
ଜାକି ହୋଇଥିବି!
ବିଛଣାରେ ବିଞ୍ଚିବିଞ୍ଚି
ସାଉଁଟିଛି ଯେତେ
ପୋଡାସ୍ୱପ୍ନ ସବୁ
ନବୁତ ନେଇଯା
ସେ ସବୁ ବି
ଅଘଟଣ ଭାବି
ଓଳିଏ ଝୁରିବି!


ହାତଗୋଡ଼ ବାନ୍ଧି
ଅଣ୍ଡାଳି ଅଣ୍ଡାଳି
ଆଉ ଜମା ଖୋଜିବିନି
ଟିକିନିଖି ସାଇତା
ସ୍ମୃତିକୁ ତୋର ସବୁ
ଭାବୁଛୁ କି?
ବଣୁଆ ପାଲଟିଯିବି!


ଏବେ ଜୀଇଁବି ତ
ନିଶବ୍ଦ ଘଣ୍ଟାର ଘଣ୍ଟା କଣ୍ଟା ପରି
ଦଉଡିବି ତ
କର୍ମଶାଳାର ପ୍ରିୟଶତ୍ରୁ ପରି
ନଚେତ୍ ମାଯି ଉଖାରି
ଜୀଉଁଥିବା ପିମ୍ପୁଡି ମାନଙ୍କ ଭଳି
କିଏ କହୁ ବା ନକହୁ
କେହି ଜଣେ କହିବତ
ବୁଦ୍ଧିଜୀବୀ!

ସାନମଛୁଆଘାଇ, ରାଜଘରପୋଖରୀ
ବାସୁଦେବପୁର, ଭଦ୍ରକ
ଦୂରଭାଷ : ୮୦୭୨୭୮୩୨୨୦

# ପିଲାଙ୍କ ଦୁନିଆ








ଅଦିତି ଦାସ
ଷ୍ଟାଣ୍ଡାର୍ଡ - ୬
ବିଜେଇଏମ୍ ସ୍କୁଲ-୨
ଭୁବନେଶ୍ୱର

# ‘ଓଡ଼ିଶା କଳା ଓ ସଂସ୍କୃତିର ତପୋଭୂମି’

**କଟକ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି)ର କଟକ ବେଞ୍ଚ କାର୍ଯ୍ୟାଳୟ ଏବଂ ଆବାସିକ ପରିସରକୁ ଉଦ୍ଘାଟନ କରିଛନ୍ତି। ଆଜି ଅପରାହ୍ନ ୪ ସାଢ଼େ ଚାରିଟା ସମୟରେ ଭିଡିଓ କନଫରେନ୍ସିଂ ଜରିଆରେ ମୋଦି ଏହାକୁ ଉଦ୍ଘାଟନ କରିଥିବା ବେଳେ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ଓ ନ୍ୟାୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ବିଚାରପତିଗଣ, ଆଇଟିଏଟିର ଅଧ୍ୟକ୍ଷ ଜଷ୍ଟିସ ପିପି ଭଟ୍ଟ, କେନ୍ଦ୍ର ପ୍ରତ୍ୟକ୍ଷ ଟିକସ ବୋର୍ଡର ଅଧ୍ୟକ୍ଷ ପିସି ମୋଦି, ଆଇଟିଏଟି ଉପାଧ୍ୟକ୍ଷ ଏବଂ ସଦସ୍ୟଗଣ, ବିଭାଗୀୟ ଅଧିକାରୀ ଏବଂ ଦେଶର ବିଭିନ୍ନ ବାର ଆସୋସିଏସନର ପଦାଧିକାରୀ ଓ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି



ଅବସରରେ ମୋଦି କହିଥିଲେ ଯେ, ଓଡ଼ିଶା କଳା ଓ ସଂସ୍କୃତିର ତପୋଭୂମି। ପ୍ରଭୁ ଜଗନ୍ନାଥଙ୍କ ଭୂମିର ବାସିନ୍ଦା ଓଡ଼ିଶାବାସୀଙ୍କୁ କହିବାକୁ ଚାହୁଁଛି ଯେ, ସେମାନେ ଲୋକାଲ ଫର ଭୋକାଲ ହୁଅନ୍ତୁ। ସ୍ଥାନୀୟ ଲୋକଙ୍କ ଦ୍ୱାରା ତିଆରି କରାଯାଇଥିବା ଜିନିଷ କିଣନ୍ତୁ। ଆମ ଦେଶର ଲୋକଙ୍କ ଝାଳବୁହା ଜିନିଷ କିଣିଲେ ଅର୍ଥନୀତି ଆଗେଇବ। ସେହିପରି ସେ କହିଥିଲେ ଯେ, ଆମର ଅର୍ଥନୀତି ଧୀରେ ଧୀରେ ଆଗକୁ ବଢୁଛି। ସୂଚନାଥାଉ କି, ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି)ର କଟକ ବେଞ୍ଚ କାର୍ଯ୍ୟାଳୟ ଅସ୍ଥାୟୀ ଭାବରେ ୧୯୭୦ରେ ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ପାଖାପାଖି ୫୦ ବର୍ଷ ଧରି ଏହା ଭଡା ଘରେ ଚାଲି ଆସୁଥିଲା। ତେଣୁ ଆଇଟିଏଟିର କଟକ ବେଞ୍ଚ ଉଦ୍ଘାଟନ ହେବା ଫଳରେ ନ୍ୟାୟ ଚାହୁଁଥିବା ଲୋକମାନଙ୍କୁ ତୁରନ୍ତ ନ୍ୟାୟ ମିଳିପାରିବ। ନୂଆ ଅଟ୍ଟାଳିକାରେ ଉନ୍ନତ ସଂଚାର ବ୍ୟବସ୍ଥା ସହିତ ଇ-କୋର୍ଟ ସୁବିଧା ରହିଛି। ଯାହାଫଳରେ କଟକ ବେଞ୍ଚ ଏଠାକାର ମାମଲା ସମେତ କୋଲକାତା ଜୋନରେ ଥିବା ଅନ୍ୟ ନିଷ୍କ୍ରିୟ ବେଞ୍ଚ ଯେପରିକି ରାଞ୍ଚି, ପାଟନା ଓ ଗୌହାଟୀ କ୍ଷେତ୍ରରୁ ଆସୁଥିବା ମାମଲା ଗୁଡିକର ଦ୍ରୁତ ସମାଧାନ କରିପାରିବ।

୨୦୧୫ରେ ରାଜ୍ୟ ସରକାର ମାଗଣାରେ ଯୋଗାଇ ଦେଇଥିବା ୧.୭୦ ଏକର ଜମିରେ ଆଇଟିଏଟିର ନୂଆ କାର୍ଯ୍ୟାଳୟ ତଥା ଆବାସିକ ପରିସର ନିର୍ମିତ ହୋଇଛି। ମୋଟ ୧୯୩୮ ବର୍ଗମିଟର ସ୍ଥାନରେ କାର୍ଯ୍ୟାଳୟ ପରିସର ନିର୍ମାଣ କରାଯାଇଛି। ତିନି ମହଲା ବିଶିଷ୍ଟ ଅଟ୍ଟାଳିକାରେ ବଡ କୋର୍ଟ କକ୍ଷ, ଅତ୍ୟାଧୁନିକ ରେକର୍ଡ କକ୍ଷ, ବେଞ୍ଚର ସଦସ୍ୟମାନଙ୍କ ପାଇଁ ସୁବ୍ୟବସ୍ଥିତ ଚାମ୍ବର୍ସ, ପାଠାଗାର କକ୍ଷ, ଅତ୍ୟାଧୁନିକ ସମ୍ମିଳନୀ କକ୍ଷ, ମକଦ୍ଦମାକାରୀଙ୍କ ପାଇଁ ଯଥେଷ୍ଟ ସ୍ଥାନ, ଆଇନଜୀବୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆଦିଙ୍କ ପାଇଁ ବାର କକ୍ଷ ଆଦି ରହିଛି। ଆଇଟିଏଟି ନାମରେ ପରିଚିତ ଆୟକର ଆପିଲେଟ ଟ୍ରିବ୍ୟୁନାଲ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଧାନିକ ସଂସ୍ଥା ଏବଂ ତଥ୍ୟ ପ୍ରମାଣ ମିଳିବା ପରେ ଏହାର ଆଦେଶକୁ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯାଇଥାଏ।

## ଜମି ମାଫିଆଙ୍କ ପ୍ରଭାବ

# ବିନା କିଣା-ବିକାରେ ଜମି ହସ୍ତାନ୍ତର

**ଜଗତସିଂହପୁର :** ଦିନକୁଦିନ ଜମିଜମା ବିବାଦକୁ ନେଇ ସାହିପଡିଶାରେ ଗଣ୍ଡଗୋଳ ଲାଗି ରହିଥିବାର ଦେଖିବାକୁ ମିଳୁଥିବାବେଳେ ଜଗତସିଂହପୁର ତହସିଲ ଅର୍ନ୍ତଗତ ଅୟର ମୌଜାରେ ଏକ ଲୋମହର୍ଷଣକାରୀ ଘଟଣାକୁ ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅୟର ଗ୍ରାମଟି ସମଙ୍ଗ ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଥିବାବେଳେ ତହସିଲଦାର ଜଗତସିଂହପୁରଙ୍କ ଦାଖଲ ଖାରଜ କେଶ୍ ନଂ ୨୬୫୮/୨୦୧୭ ମୁତାବକ ଖାତା ନଂ ୧୧୭ଟି ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ନାମରେ ଥିଲା ଓ ତାଙ୍କର ଏକ ମାତ୍ର ମହେନ୍ଦ୍ର ବିଶ୍ୱାଳ ଖଜଣା ଦାଖଲ କରିଆସୁଛନ୍ତି। ଏହି ଜମିଟିକୁ ହାତେଇ ନେବାକୁ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ହାତଗୁଞ୍ଜା ଦେଇ ପୁର୍ନବାର ତହସିଲଦାର ଜଗତସିଂହପୁରଙ୍କ ଦାଖଲ ଖାରଜ କେଶ୍ ନଂ- ୨୩୦୨/୨୦୦୮ର ରେର୍କଡରେ ଚଞ୍ଚକତା କରି ତହସିଲଦାରଙ୍କ ଦ୍ୱାରା ଅଘୋଷିତ ଜମିର ମଧ୍ୟ ପଟ୍ଟା ହାତେଇ ନେବାରେ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ଜଗତସିଂହପୁର ତହସିଲଦାର ମାନସ କୁମାର ଭୋଇଙ୍କ ସହିତ ଯୋଗଯୋଗ ହୋଇପାରୁନଥିବା ବେଳେ ଦାଖଲ ଖାରଜ କେସ୍ ନଂ- ୧୪୩୦/୨୦୧୬ କୁ ଖାରଜ କରିଦେଇଛନ୍ତି। ଜାଣିବାକୁ ମିଳିଛିଯେ ଏହି ୧୭ଗୁଣ୍ଠ ଜମିଟିକୁ ହାତେଇ ନେବା ପାଇଁ ପାର୍ଶ୍ୱ ଗ୍ରାମର ଚାରି ଭାଇ ଯଥା ନିରଞ୍ଜନ ସାସମଲ, ଉପେନ୍ଦ୍ର ନାଥ ସାସମଲ, ବିଜୟ କୁମାର ସାସମଲ ଓ ଅଜୟ କୁମାର ସାସମଲଙ୍କ ପିତା ସ୍ୱର୍ଗତ ନନ୍ଦ ସାସମଲ ଏକ ପ୍ରକାର ଷଡଯନ୍ତ୍ର ରଚନା କରି ହାତେଇ ନେଇଛନ୍ତି। ଏହି ଜମିଟି ବିନା ବିକ୍ରୀ ଖର୍ଦ୍ଦରେ କିପରି ହସ୍ତାନ୍ତର କରାଗଲା ବୋଲି ପଚାରିବାରେ ଜାଣିବାକୁ ମିଳିଲା ଯେ ଜମି ପଟ୍ଟା ଦାଖଲ କରିଥିବା ବିଜୟ କୁମାର ସାସମଲଙ୍କ ସ୍ତ୍ରୀ ବିଜେଡି ଜିଲ୍ଲା ପରିଷଦ ଜୋନ-୩ର ସଦସ୍ୟ ଥିବାରୁ ତାଙ୍କରି ପ୍ରଭାବ ବଳରେ ଏପରି ଅନ୍ତର୍ଘାତି କାର୍ଯ୍ୟକ୍ରମ କରାଯାଇ ସ୍ୱର୍ଗତ ପିତାଙ୍କ ନାମରେ ଥିବା ପଟ୍ଟାରେ ଅତ୍ୟନ୍ତ ଅନୈତିକ ଉପାୟରେ ସଂଶୋଧନ କରାଯାଇଛି। ଏହି ଜମି ବାଡି ଚଞ୍ଚକତାରେ ରାଜସ୍ୱ ନିରିକ୍ଷକ ଓ ତହସିଲଦାର ଉଭୟ ହାତ ଗୁଞ୍ଜା ନେଇ ଏପରି କାର୍ଯ୍ୟ କରିଥିବାରୁ ଏହାର ପ୍ରତିବାଦ ଜଣାଇ ଆବେଦନକାରୀ ମହେନ୍ଦ୍ର ବିଶ୍ୱାଳ ଜିଲ୍ଲାପାଳଙ୍କ ନିକଟରେ ଅପିଲ କରିଥିବା ବେଳେ ଜିଲ୍ଲାପାଳ ଏହାର ତଦନ୍ତ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତୋ। ଯଦି ଏଥିରେ ନ୍ୟାୟନମିଳେ ତେବେ ସେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଆବେଦନ କାରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ‘ଡଃ ତ୍ରିପାଠୀଙ୍କ ଶିକ୍ଷାଦାନ ଶୈଳୀ ଥିଲା ସ୍ୱତନ୍ତ୍ର’

**ଭୁବନେଶ୍ୱର :** ଓଡ଼ିଶା ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ତଥା ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡଃ ବଂଶୀଧର ତ୍ରିପାଠୀଙ୍କ ବିୟୋଗରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଏକ ସାମୂହିକ ଦୀପଦାନ ଉତ୍ସବ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ମନ୍ଦିର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବା ପରେ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ସ୍ୱାଇଁ, ପୂର୍ବତନ ଡିନ୍ ପ୍ରଫେସର ବୁଦ୍ଧଦେବ ମିଶ୍ର ଏବଂ କର୍ଣ୍ଣେଲ ଡାକ୍ତର ବିରଞ୍ଚି ନାରାୟଣ ପାଣି ମିଳିତ ଭାବେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରଲୋକଗତ ଡଃ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ କହିଥିଲେ ଯେ, ଡଃ ତ୍ରିପାଠୀ ଜଣେ ନୀତିନିଷ୍ଠ ଅଧ୍ୟାପକ ଥିଲେ। ତାଙ୍କର ଅଧ୍ୟାପନା ଶୈଳୀର ଏକ ସ୍ୱତନ୍ତ୍ରତା ଥିଲା। ଆଜିର ଯୁବ ଅଧ୍ୟାପକମାନେ ତାଙ୍କ ଶିକ୍ଷାଦାନ ଶୈଳୀକୁ ଗ୍ରହଣ କରିବା ଉଚିତ୍। ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ ସ୍ମୃତିଚାରଣ କରି ରେଭେନ୍ସା ମହାବିଦ୍ୟାଳୟରେ ତାଙ୍କର ଛାତ୍ର ବତ୍ସଳତାର ଉଦାହରଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ଅଧ୍ୟକ୍ଷ ସୀତାବଲ୍ଲଭ ମହାପାତ୍ର, ବାସ୍ତୁବିତ୍ ମନୋଜ ଲେଙ୍କା, ତନୁଜା ରଥ, ନିବେଦିତା ଭଞ୍ଜ, ଦର୍ଗେଶ ନନ୍ଦିନୀ ଜେନା, ଦେବଜାନୀ ରାଉତରାୟ, ଇଂ. ବିବେକାନନ୍ଦ ପାତ୍ର, ଦେବୀ ପ୍ରସାଦ ମଲ୍ଲିକ, ସୀତାଂଶୁ ଦ୍ୱିବେଦୀ, ବିଜୟ କୁମାର ଜେନା, ରାଜକିଶୋର ସାହୁ, ଡଃ ନିର୍ମଳ ଚନ୍ଦ୍ର ଦାସ, ବାସ୍ତୁବିତ୍ ଦୁର୍ଗାପ୍ରସାଦ ଓ ଭୁବନେଶ୍ୱର ଓକିଲ ସଂଘ ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ ପ୍ରମୁଖ ସ୍ମୃତିଚାରଣ କରି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଡଃ ତ୍ରିପାଠୀଙ୍କ ପରିବାର ପକ୍ଷରୁ ବିୟୋତ୍‌ପ୍ରଜ୍ଞା ତ୍ରିପାଠୀ ଓ ବିଜ୍ଞାନପ୍ରଜ୍ଞା ତ୍ରିପାଠୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପଣ୍ଡା (ବୁଲୁ) ଓ କୈଳାସ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ।

# ରେକର୍ଡ ଆଶାରେ ଚକୋଲେଟ ଗାର୍ଲ ପ୍ରଜ୍ଞା

**ଉଦଳା, (ନିରୁପମା ରଣା) :** କିଏ ଡାକ ଟିକଟ ତ ଆଉ କିଏ ଖବରକାଗଜ ପୁଣି ଆଉ କିଏ କାଜ ନୋଟ ସଂଗ୍ରହ କରୁଥିବା କଥା ଆପଣମାନଙ୍କ ନଜରକୁ ଆସିଥିବ। ପାଞ୍ଚ ହଜାର ଜରି ସଂଗ୍ରହ କରିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ବିଦେଶରୁ ଚକଲେଟ୍ ଜରି ସଂଗ୍ରହ କରିଛନ୍ତି। ଏହିପରି କି ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ନେଦରଲାଣ୍ଡ, ଆମେରିକା ଭଳି ବିଦେଶରୁ ଲୋକମାନଙ୍କ ସହିତ ସମ୍ପର୍କ ରଖି ଜରି ସଂଗ୍ରହ କରିପାରିଛନ୍ତି। ତେବେ ଆଉ ଏକ ଭିନ୍ନ ଚକୋଲେଟ୍ ଜରି ସଂଗ୍ରହ କରି ରେକର୍ଡ କରିବା ନିଶା ଦେଖିବାକୁ ମିଳିଛି। ଭାରତ ତଥା ବିଭିନ୍ନ ଦେଶରୁ ଚକୋଲେଯ ଜରି ସଂଗ୍ରହ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଜଣେ ଝିଅ। ଅଜବ ନିଶା ଚକଲେଟ୍ ଜରି ସଂଗ୍ରହ ଛୋଟ ବେଳୁ। ମୟୂରଭଞ୍ଜ ଜିଲ୍ଲା ଉଦଳା, ଆଠ ନମ୍ବର ୱାର୍ଡର ମେଣ୍ଢାଖାଲ ଅଞ୍ଚଳର ଏ ହେଉଛନ୍ତି ପ୍ରଜ୍ଞାପାରମିତା ମନ୍ତ୍ରୀ। ପ୍ରଜ୍ଞା ଛୋଟ ବେଳରୁ ଚକୋଲେଟ୍ ଖାଇବାକୁ ଭଲ ପାଉଥିବାରୁ ସେବେଠାରୁ ସେ ଚକୋଲେଟ୍ ଜରି ସଂଗ୍ରହରେ ଲାଗିଛନ୍ତି। ଏହି ଚକୋଲେଟ୍ ଜରି ସଂଗ୍ରହ କରିବା ସହ ଏକ ଭିନ୍ନ ପରିଚୟ ସୃଷ୍ଟି ପାଇଁ ଲାଗିଛନ୍ତି ପ୍ରଜ୍ଞା। ସେଥିପାଇଁ ସେ ଆଜି ପର୍ଯ୍ୟନ୍ତ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଭାରତ ତଥା ଭାରତ ବାହାରୁ ଚକୋଲେଟ୍ ଜରି ସଂଗ୍ରହ କରିଛନ୍ତି। ସେ ଦେଶ ବାହାରୁ ସଂଗ୍ରହକାରୀଙ୍କ ସହ ଫେସବୁକ ମାଧ୍ୟମରେ ସମ୍ପର୍କ ଯୋଡି ସଂଗ୍ରହକୁ ଅଦଳ ବଦଳ ମାଧ୍ୟମରେ ନିଜର ଚକୋଲେଟ୍ ଜରି ସଂଗ୍ରହକୁ ବଢ଼ାଇ ପାରିଛନ୍ତି। ପରିବାର ଲୋକେ ଏ କ୍ଷେତ୍ରରେ ସହଯୋଗ କରିଥିବାର ପ୍ରଜ୍ଞା ନିଜେ ପ୍ରକାଶ କରିଛନ୍ତି। ପ୍ରଜ୍ଞାଙ୍କ ବାପା ପ୍ରଦୀପ ମନ୍ତ୍ରୀ ଜଣେ ଡାକ୍ତର ଓ ମା’ ସରସ୍ୱତୀ ମନ୍ତ୍ରୀ ଗୃହିଣୀ। ତେବେ ପିଲାଟି ଦିନରୁ ପ୍ରଜ୍ଞା ଏହି ଚକୋଲେଟ୍ ଜରି ସଂଗ୍ରହ କରିବାରେ ଲାଗିଛନ୍ତି। ତାଙ୍କୁ ଏହି ସଂଗ୍ରହରେ ତାଙ୍କ ବାପା, ମା’ ଓ ବଡ ଭଉଣୀ ସହଯୋଗ କରିଥାନ୍ତି ବୋଲି ପ୍ରଜ୍ଞା କହିଛନ୍ତି। ତାଙ୍କର ଏହି ଉଦ୍ୟମ ପାଇଁ ସେ ସମସ୍ତଙ୍କ



ପାଖରେ ପ୍ରିୟ। ସେଥିପାଇଁ ସେ ଚକୋଲେଟ ଗାର୍ଲ। ପ୍ରଜ୍ଞାଙ୍କ ବାପା ପ୍ରଦୀପ ମନ୍ତ୍ରୀ ପୂର୍ବରୁ ଡାକ ଟିକଟ ସଂଗ୍ରହ କରୁଥିଲେ। ତେବେ ତାହାକୁ ଦେଖି ପ୍ରଜ୍ଞା ମଧ୍ୟ ଏକ ଭିନ୍ନ ଚକୋଲେଟ୍ ଜରି ସଂଗ୍ରହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ଇଚ୍ଛା ଶକ୍ତି ଓ ଉଦ୍ୟମ ଯୋଗୁଁ ସେଇ ଦିନଠାରୁ ଚକୋଲେଟ୍ ଜରି ସଂଗ୍ରହ କରିଚାଲିଛନ୍ତି। ଯାହାକି ଏହି ଚକୋଲେଟ୍ ଜରି ଅନ୍ୟ ସଂଗ୍ରହ ଠାରୁ ଭିନ୍ନ ଅଟେ। ତେବେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଦେଶ ଓ ଦେଶ ବାହାରୁ ଚକୋଲେଟ୍ ଜରି ସଂଗ୍ରହ କରି ସାରିଲେଣି। ଆଗକୁ ଏହି ପ୍ରୟାସ ଜାରି ରଖିବା ସହ ଗିନିଜ୍ ବୁକ୍‌ରେ ସ୍ଥାନ ପାଇବାର ଆଶା ରଖିଛନ୍ତି। ତାଙ୍କର ଏହି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଅନେକ ଶୁଭେଚ୍ଛୁ ପ୍ରଜ୍ଞାଙ୍କ ଏହି ଉଦ୍ୟମ ପାଇଁ ପ୍ରଶଂସା କରିଛନ୍ତି। ପ୍ରତ୍ୟେକ ମଣିଷ ନିଜର ଇଚ୍ଛାଶକ୍ତି ଓ ଉଦ୍ୟମ ଥିଲେ ସବୁ କିଛି କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ଚକୋଲେଟ୍ ଗାର୍ଲ ପ୍ରଜ୍ଞା କହିଛନ୍ତି। ଛୋଟ ବେଳୁ ଚକୋଲେଟ୍ ଖାଇବା ପାଇଁ ଭଲ ପାଉଥିଲେ, ସେଥିପାଇଁ ଚକୋଲେଟ୍ ଜରି ସଂଗ୍ରହ କରିବାରେ ଲାଗିଛନ୍ତି। ଏପରିକି ପାଠପଢ଼ା ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଜ୍ଞା ମଧ୍ୟ ନାମ କରିଛନ୍ତି। ଯେତେବେଳେ ପ୍ରଜ୍ଞା ନବମ ଶ୍ରେଣୀରେ ପଢୁଥିଲେ ସେତେବେଳେ ଠାରୁ ଏହି ଚକୋଲେଟ୍ ଜରି ସଂଗ୍ରହ କରିବାରେ ଲାଗିଛନ୍ତି। ଏବେ ପ୍ରଜ୍ଞା +୩ ଶେଷ ବର୍ଷ ବିଜ୍ଞାନ ଛାତ୍ରୀ। ଯେତେଦିନ ପର୍ଯ୍ୟନ୍ତ ସଫଳତା ମିଳିନଥିବା ସେ ସେତେଦିନ ପର୍ଯ୍ୟନ୍ତ ଏହି ପ୍ରୟାସ ଜାରି ରଖିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଐତିହ୍ୟ କରିଡର ...

ଆଇନ୍ ପୁସ୍ତକରୁ ବାଦ୍ ଦେଇ ତା’ର ଆକାରକୁ କମାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହାସହ ୧୯୭୨ରେ ପ୍ରଣୟନ କରାଯାଇଥିବା ଅନ୍ୟ ଏକ ବିନିଯୋଗ ଅଧିନିୟମ ମଧ୍ୟ ରଦ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି। ସର୍ବମୋଟ ୨୧୫ଟି ପୁରୁଣା ଆଇନ୍‌କୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଯୋଜନା ସେବା (ନିଯୁକ୍ତି ଏବଂ ଚାକିରି ସର୍ତ୍ତାବଳୀ) ନିୟମ ୧୯୯୬ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶା ଯୋଜନା ସେବାବର୍ଗ ଅନ୍ତର୍ଭୁକ୍ତ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏବଂ ଅବସର ଗ୍ରହଣ ପୂର୍ବରୁ ପଦୋନ୍ନତି ଦେବା ନିମନ୍ତେ ଏହି ଅଧିନିୟମର ସଂଶୋଧନ କରାଯାଇଛି। ସେହିପରି ଲୋକସେବା ଆୟୋଗର ସଦସ୍ୟ ପଦବୀରେ ସମବାୟ ସମିତି ପୂର୍ବତନ ରେଜିଷ୍ଟ୍ରାର୍ ବିଭୂତିଭୂଷଣ ପଟ୍ଟନାୟକ ଏବଂ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ଡ. ସୁଧାଂଶୁ ଶେଖର ରଥଙ୍କ ନିଯୁକ୍ତିକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି। ଏହାସହ ୨୦୨୦-୨୧ ବର୍ଷରେ ଗ୍ରୀଡ୍‌କୋକୁ ୨୬୦୦ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଗ୍ୟାରେଣ୍ଟି ଗ୍ରୀଡ୍‌କୋକୁ ବ୍ୟାଙ୍କଗୁଡ଼ିକରୁ ପ୍ରାୟ ୨ ପ୍ରତିଶତ ସୁଧ ରିହାତି ପାଇବାକୁ ସକ୍ଷମ କରିବ। ଏହା ଗ୍ରୀଡ୍‌କୋର ଫାଇନାନ୍ସିଂ କଷ୍ଟ ହ୍ରାସ କରିବ ଏବଂ ପ୍ରତିବଦଳରେ ଶିଳ୍ପ, ଖୁଚୁରା ଏବଂ ସାଧାରଣ ଗ୍ରାହକଙ୍କ ପାଇଁ ଟାରିଫ୍ କମ୍ ହେବ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ ନର୍ସିଂ କାଉନ୍‌ସିଲ୍ ଦ୍ୱାରା ସ୍ଥିରୀକୃତ ନିୟମାବଳୀ ଅନୁଯାୟୀ ଷ୍ଟାଫ୍ ନର୍ସ/ ଆସିଷ୍ଟାଣ୍ଟ ମ୍ୟାଟ୍ରନ୍/ ମ୍ୟାଟ୍ରନ୍/ ଚିଫ୍ ମ୍ୟାଟ୍ରନ୍ ପଦବୀକୁ ଯଥାକ୍ରମେ ନର୍ସିଂ ଅଫିସର/ ଆସିଷ୍ଟାଣ୍ଟ ନର୍ସିଂ ସୁପରିଟେଣ୍ଡେଣ୍ଟ/ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ/ ନର୍ସିଂ ସୁପରିଟେଣ୍ଡେଣ୍ଟ ଭାବରେ ପୁନଃ ନାମକରଣ କରାଯାଇଛି। ଷ୍ଟାଫ୍‌ନର୍ସଙ୍କ ନିଯୁକ୍ତି ପାଇଁ ଆବେଦନର ସର୍ବାଧିକ ବୟସସୀମା ୪୫ ବର୍ଷକୁ ହ୍ରାସ କରାଯାଇଛି। ଏହାସହ ଓଡ଼ିଶା ସରକାରୀ ଯାନ୍ତ୍ରିକ ବିଦ୍ୟାଳୟର ନିଯୁକ୍ତି ଲାବୋରେଟୋରୀ ସହାୟକଙ୍କ ନିଯୁକ୍ତି ପ୍ରଣାଳୀ ଓ ଚାକିରି ସର୍ତ୍ତବଳୀ ବହୁଳ ଭାବେ ସୁବ୍ୟବସ୍ଥିତ କରିବା ପାଇଁ ପଲିଟେକ୍‌ନିକ୍ ଲାବୋରେଟୋରୀ ସହାୟକ ନିୟମ, ୨୦୨୦ ପ୍ରଣୟନ କରାଯିବ। ଏହାଦ୍ୱାରା ଲାବୋରେଟୋରୀ ସହାୟକ କ୍ୟାଡରରେ ପଦୋନ୍ନତିର ସୁଯୋଗ ସୃଷ୍ଟି ହେବ। କ୍ୟାବିନେଟ୍ ବୈଠକରେ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା (ଚୟନ ପ୍ରବିଧି ଓ ସେବାସର୍ତ୍ତ) ସଂଶୋଧିତ ନିୟମାବଳୀ, ୨୦୨୦ର ପ୍ରଣୟନ ଲାଗି ନିଷ୍ପତ୍ତି ହୋଇଛି। ଏହାଫଳରେ ଯଦି ଜଣେ ପ୍ରାର୍ଥୀ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ଓଡ଼ିଆ ଭାଷା ବିଷୟ ନେଇ ଉତ୍ତୀର୍ଣ୍ଣ ହୋଇନଥିବେ ସେ ଚାକିରିରେ ଯୋଗଦେବାର ୪ ବର୍ଷ ମଧ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ସେହିପରି ରାଜ୍ୟ ବାହାରର ପ୍ରାର୍ଥୀ ତାଙ୍କର ନାମ, ଓଡ଼ିଶା ଡାକ୍ତରୀ ପଞ୍ଜିକୃତ ପରିଷଦରେ ପଞ୍ଜିକୃତ କରିନଥିଲେ, ସେ ଚାକିରିରେ ଯୋଗଦେବା ପାଇଁ ନିଯୁକ୍ତି ନିର୍ଦ୍ଦେଶନାମା ପାଇବା ପୂର୍ବରୁ ଉକ୍ତ ପରିଷଦରେ ପଞ୍ଜିକୃତ କରିପାରିବେ। ସେହିଭଳି କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ସମସ୍ତ ଆବଶ୍ୟକୀୟ ନିଷ୍ପତ୍ତି ନେବାକୁ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ଷମତାସମ୍ପନ୍ନ ମନ୍ତ୍ରୀସ୍ତରୀୟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହାସହ ରେଡିଓଗ୍ରାଫର ସେବା ସଂଶୋଧନ ନିୟମ ୨୦୨୦ ପ୍ରଚଳନ ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ ବରିଷ୍ଠ ରେଡିଓଗ୍ରାଫର ପଦକୁ ପଦୋନ୍ନତି ପାଇବା ପାଇଁ ଠିକା ରେଡିଓଗ୍ରାଫରଙ୍କ କାର୍ଯ୍ୟକାଳକୁ ବିଚାରକୁ ଗ୍ରହଣ କରିବା ନେଇ ଦ୍ୱନ୍ଦ୍ୱ ରହିଥିଲା। ତେବେ ଏଣିକି ପଦୋନ୍ନତି ପାଇଁ ନିୟମିତ ହେବା ଦିନଠାରୁ ୧୦ ବର୍ଷର ସମୟସୀମା ବିଚାରକୁ ନିଆଯିବ। ଓଡ଼ିଶା ବେସାମରିକ ସେବା (ପଦୋନ୍ନତି ପାଇଁ ମାନଦଣ୍ଡ) ନିୟମାବଳୀ, ୧୯୯୨ ସଂଶୋଧନ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି।

### ‘ଯବାନଙ୍କ ବଳିଦାନ ...

ଚେତାବନୀ ଦେଇଛନ୍ତି। ଦେଶର ସୀମା ସୁରକ୍ଷା କାର୍ଯ୍ୟରୁ ବିଶ୍ୱର କୌଣସି ଶକ୍ତି ଯବାନଙ୍କୁ ରୋକିପାରିବ ନାହିଁ ବୋଲି ମୋଦି କହିଛନ୍ତି। ଯବାନଭ୍‌କୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଆମ ବୀର ଯବାନଙ୍କ ବଳିଦାନ ଦେଶକୁ ଶୃଙ୍ଖଳା ଶିଖାଇବା ସହ ନିଜର କର୍ତ୍ତବ୍ୟ ପ୍ରତି ନିଷ୍ଠାପର ହେବାକୁ ପ୍ରେରଣା ଯୋଗାଇଛି। ୧୯୭୧ ମସିହା ପାକିସ୍ତାନ ସହ ଯୁଦ୍ଧ ବେଳେ ଲୋଙ୍ଗେୱାଲା ପୋଷ୍ଟର ଯବାନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଏହି ଅବସରରେ ମୋଦି ସେକଥା ମନେ ପକାଇଥିଲେ। ଏହି ଯୁଦ୍ଧରେ ହିରୋ ସାଜିଥିବା ବ୍ରିଗେଡିୟର କୁଲଦୀପ ସିଂହ ଚାନ୍ଦପୁରୀଙ୍କୁ ମୋଦି ଶତପତ ପ୍ରଣାମ କରିଛନ୍ତି। ସେ କହିଛନ୍ତି, ଆମ ବୀର ଯବାନଙ୍କ ବୀରତାର କଥା ଯେବେ ବି ଲେଖାଯିବ ସେତେବେଳେ ଲୋଙ୍ଗେୱାଲା ପୋଷ୍ଟର ଯବାନ କରିଥିବା ଯୁଦ୍ଧ କଥା ମନେପଡିବ। ଆମେ ଯେତେବେଳେ ଲୋଙ୍ଗେୱାଲା କଥା ଭାବୁ ଆମ ମନକୁ ଜୋ ବୋଲେ ସୋ ନିହାଲ, ସତ ଶ୍ରୀ ଆକାଲ କଥା ଆସିଥାଏ। ୧୯୭୧ ମସିହା ପାକିସ୍ତାନ ସହ ହୋଇଥିବା ଯୁଦ୍ଧ ଭାରତୀୟ ବାୟୁସେନା, ନୌସେନା ଓ ସ୍ଥଳସେନା କେମିତି ମିଳିତ ଭାବେ କାମ କରନ୍ତି, ସେ କଥା ଦର୍ଶାଇଥିଲା। ଭାରତ ଏହି ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରିଥିଲା ଓ ବାଂଲାଦେଶ ସ୍ୱାଧୀନତା ଦିଗରେ ବଢ଼ିଥିଲା। ଯେଉଁମାନେ ଆମ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରିଛନ୍ତି ସେମାନଙ୍କୁ ଆମ ଦେଶର ଯବାନମାନେ ଉଚିତ ଶିକ୍ଷା ଦେଇଛନ୍ତି। ଆଗକୁ ମଧ୍ୟ ଯବାନମାନେ ଦରକାର ପଡିଲେ ଶତ୍ରୁ ପକ୍ଷଙ୍କୁ ଉଚିତ ଜବାବ ଦେବେ। ଆଜି ଭାରତ ଆତଙ୍କବାଦୀଙ୍କୁ ସେମାନଙ୍କ ଘରେ ପଶି ମାରିବାକୁ ସକ୍ଷମ ହୋଇଛନ୍ତି। ଭାରତ କେବେ ହେଲେ ଦେଶର ସ୍ୱାର୍ଥ ସହ ବୁଝାମଣା କରିବ ନାହିଁ ବୋଲି ଆଜି ପୂରା ବିଶ୍ୱ ଜାଣିପାରିଛି। ବିଶ୍ୱର କୌଣସି ଶକ୍ତି ଯବାନଙ୍କୁ ତାଙ୍କ କାର୍ଯ୍ୟରୁ ହଟାଇ ପାରିବେ ନାହିଁ। ସବୁ ପ୍ରକାରର ପରିସ୍ଥିତିକୁ ମୁକାବିଲା କରିବାରେ ଭାରତୀୟ ଯବାନମାନେ ସକ୍ଷମ ବୋଲି ମୋଦି କହିଛନ୍ତି। ଚୀନ୍‌ର ନାଁ ନ ନେଇ ମୋଦି ଏହାର ବିସ୍ତାରବାଦୀ ଚିନ୍ତାଧାରାକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ପୂରା ବିଶ୍ୱ ଏବେ ବିସ୍ତାରବାଦୀ ନୀତି ଯୋଗୁ ସମସ୍ୟାରେ ପଡିଛି। ଭାରତ ସର୍ବଦା ବିସ୍ତାରବାଦୀ ଚିନ୍ତାଧାରା ବିରୋଧରେ ରହିଛି। ଭାରତ ସବୁବେଳେ ପରସ୍ପର ବୁଝାମଣା ନୀତିରେ ବିଶ୍ୱାସ କରେ। କିନ୍ତୁ ଭାରତର ଧୈର୍ଯ୍ୟ ପରୀକ୍ଷା କରିବାକୁ ଚେଷ୍ଟା କରାଗଲେ, ଏହାର ଜବାବ ଦେବାକୁ ନୂଆଦିଲ୍ଲୀ ମଧ୍ୟ ପ୍ରସ୍ତୁତ ହୋଇ ରହିଛି ବୋଲି ମୋଦି କହିଥିଲେ। ନୂଆ କୌଶଳର ଉଦ୍ଭାବନ କରିବା, ଯୋଗ ଶିଖିବା ଓ ଭାରତୀୟ ଭାଷା ଶିଖିବା ପାଇଁ ମୋଦି ଯବାନଙ୍କୁ ଆହ୍ୱାନ କରିଛନ୍ତି।

### କରୋନା ସମୟରେ ...

ଏହାସହିତ ସବୁ ଚାଷୀ ମାନଙ୍କୁ କୃଷକ ପରିଚୟ ପତ୍ର ମଧ୍ୟ ଦିଆଯିବ। ଏହାଦ୍ୱାରା ଚାଷୀମାନେ ସହଜରେ ବିଭିନ୍ନ ସରକାରୀ ସୁବିଧା ପାଇପାରିବେ। ସୂଚନାଥାଉ କି, କୃଷକ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟର ୭୬କ୍ଷ ଚାଷୀମାନଙ୍କୁ ନେଇ କୃଷକ ଡାଟାବେସ୍‌ର ଶୁଭାରମ୍ଭ କରାଯାଇଛି। ଏହି ଡାଟାବେସ୍‌ର ଯାଞ୍ଚ ପ୍ରକ୍ରିୟା ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ କୃଷକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ। ଏହାଦ୍ୱାରା କୃଷକମାନେ ବିଭିନ୍ନ ଯୋଜନା ଓ ସେବାର ସୁଫଳ ଅତିଶୀଘ୍ର ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଭାଇଭଉଣୀ ନିଜ କାମ ଛାଡି ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ନ ଆସି ଘରେ ରହି ଅନ୍‌ଲାଇନ୍ ଜରିଆରେ ସେବା ପାଆନ୍ତୁ ବୋଲି ସେ ଚାହାନ୍ତି। ଆଜିର ୫-ଟି ଇନ୍‌ଟିଏଟିଭିଟ୍ ଏହାକୁ ସଫଳ କରିଛି ବୋଲି ସେ ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆରମ୍ଭ ହେଉଥିବା କୃଷକ ଓଡ଼ିଶା, ଇନ୍‌ପୁଟ୍ ଡିଲର ମାନଙ୍କ ପାଇଁ ଅନ୍‌ଲାଇନ୍ ଲାଇସେନ୍ସ, ଓୟୁଏଟି ଷ୍ଟୁଡେଣ୍ଟ ମାନଙ୍କୁ ଅନ୍‌ଲାଇନ୍ ସାର୍ଟିଫିକେଟ୍, ଏଗ୍ରିକଲଚର ଫିଲ୍ଡ ଷ୍ଟାଫ୍ ମାନଙ୍କ ପାଇଁ ‘ଦକ୍ଷତା’ ଆଦି କାର୍ଯ୍ୟକ୍ରମ ବିଭାଗକୁ ଚାଷୀମାନଙ୍କ ସହିତ ସିଧା ଯୋଡିବାରେ ସହାୟକ ହେବ। ଭଲ କାମ କରୁଥିବା କୃଷି ବିଭାଗର କର୍ମଚାରୀମାନଙ୍କୁ ସ୍ୱୀକୃତି ଦେବା ପାଇଁ ହେଉଥିବା ଉଦ୍ୟମକୁ ସେ ପ୍ରଶଂସା କରି ଦକ୍ଷ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିଚାଲିବା ପାଇଁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଚାଷ ଆମ ଅର୍ଥନୀତିର ମେରୁଦଣ୍ଡ। କରୋନା ସମୟରେ କୃଷି ହିଁ ଆମ ଅର୍ଥନୀତି ପାଇଁ ବଡ ଆଶା ଭାବରେ ଦେଖାଦେଇଛି। ଏବର୍ଷ ଆମର ବମ୍ପର କ୍ରପ୍ ଆଶ କରୁଛୁ। ଏଥିପାଇଁ ଆମର ଚାଷୀଭାଇଙ୍କୁ ସେ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ସାମଗ୍ରୀ ବିକ୍ରେତା ମାନଙ୍କ ପାଇଁ ଇ-ଲାଇସେନ୍ସ ପ୍ରଦାନ ସହିତ ୬ଟି ଅନ୍‌ଲାଇନ୍ ସେବା ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ୍ ସାର୍ଟିଫିକେଟ୍ ଓ ମାର୍କସିଟ୍ ଆଦି ୯ଟି ସେବା କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଥିଲେ। ଦକ୍ଷିତା କାର୍ଯ୍ୟକ୍ରମରେ ଦକ୍ଷ କୃଷି କର୍ମଚାରୀମାନଙ୍କୁ ସ୍ୱୀକୃତି ଓ ପୁରସ୍କାର ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସେପ୍ଟେମ୍ବର ମାସରେ ୨୨ଜଣ କର୍ମଚାରୀ ଓ ଅକ୍ଟୋବର ମାସରେ ୩୮ଜଣ କର୍ମଚାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଅବସରରେ ନୂଆପଡା ଓ ଗଞ୍ଜାମ ଜିଲ୍ଲାର ଦକ୍ଷ କର୍ମଚାରୀ ଓ କୃଷକ ସରକାରୀ ଯୋଜନାର ସଫଳ ପରିଚାଳନା ସମ୍ପର୍କରେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ୨୦୧୮ ମସିହାରେ ଆରମ୍ଭ ହୋଇଥିବା ଆମ କୃଷି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ମୋବାଇଲ ଫୋନ ଭିତ୍ତିକ କୃଷି ପରାମର୍ଶ ସେବା ପ୍ରଦାନ କରାଯାଉଛି। ୨୦୧୮ ମସିହାରେ ମାତ୍ର ୫୦ ହଜାର ଚାଷୀଙ୍କୁ ଧାନ ଫସଲ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ୧୦ଲକ୍ଷ ଚାଷୀଙ୍କୁ ୧୫ ଗୋଟି ଫସଲ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଉଛି। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟ କୃଷି ବିଭାଗ ଓ କୃଷକ ମାନଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଛି। ୫-ଟି କାର୍ଯ୍ୟକ୍ରମକୁ ବିଭାଗ ନିଷ୍ଠାର ସହ ଅନୁପାଳନ କରୁଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଅନ୍‌ଲାଇନ୍ ସେବା, ଦକ୍ଷତା କାର୍ଯ୍ୟକ୍ରମ, ଆମ କୃଷି ଆଦି ସମ୍ପର୍କରେ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବିଭାଗୀୟ ପ୍ରମୁଖ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଓୟୁଏଟି କୁଳପତି, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ କୃଷି ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

### ଦୋଷୀସାବ୍ୟସ୍ତ ...

କଏଦୀ ରହିବା ନେଇ ନିୟମ କରାଯାଇଛି। ସେହିପରି ବିଭିନ୍ନ ବର୍ଗର କଏଦୀଙ୍କ ପାଇଁ ପୃଥକ ପୃଥକ ସେଲ୍ ବନ୍ଦୋବସ୍ତ ହୋଇଥିବା ଜେଲ୍ କର୍ତ୍ତୃପକ୍ଷ ସୁନିଶ୍ଚିତ କରିବେ। ଯେପରିକି ସିଭିଲ୍ କଏଦୀ, ବିଚାରଧୀନ କଏଦୀ, ମହିଳା କଏଦୀ, ଦୋଷୀସାବ୍ୟସ୍ତ କଏଦୀ, ଯୁବ କଏଦୀ, ପ୍ରଥମ ଥର ଅପରାଧ କରିଥିବା କଏଦୀ, ବାରମ୍ବାର ଅପରାଧ କରୁଥିବା କଏଦୀ ଓ ଉଚ୍ଚସ୍ତରୀୟ ସୁରକ୍ଷା କଏଦୀଙ୍କ ରହିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ। ଏହାସହ କଏଦୀଙ୍କ ମାନବାଧିକାର ଯେମିତି କ୍ଷୁର୍ଣ୍ଣ ନହେବ ସେନେଇ ଧ୍ୟାନ ଦେବେ। ପ୍ରତ୍ୟେକ କଏଦୀଙ୍କ ପାଇଁ ସ୍ୱତନ୍ତ୍ର ଲଣ୍ଡ୍ରି ରହିବ। ଜେଲରେ କଏଦୀଙ୍କ ପାଇଁ ଦୁଇ ପ୍ରକାର ହସ୍ପିଟାଲ ରହିବ। ଜେଲ୍‌ରେ ନିଶା ନିବାରଣ ପାଇଁ ବ୍ୟବସ୍ଥା ଓ ଆବଶ୍ୟକସ୍ଥଳେ କଏଦୀଙ୍କୁ ବାହାର ହସ୍ପିଟାଲରେ ଚିକିତ୍ସିତ କରାଯାଇପାରିବ। ଦୋଷୀସାବ୍ୟସ୍ତ କଏଦୀ ମାସକୁ ୨ ଥର ତାଙ୍କ ସମ୍ପର୍କୀୟ କିମ୍ବା ଓକିଲଙ୍କ ସହିତ ସାକ୍ଷାତକାର କରିପାରିବେ। ସେହିପରି କଏଦୀମାନଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ। ଏହାସହ ବିଦେଶୀ କଏଦୀଙ୍କୁ ନିଜ ନିଜ ଦେଶକୁ ପଠାଯିବା ନେଇ ବ୍ୟବସ୍ଥା ହେବ। ଜେଲ୍‌ରେ ମହାମାରୀ, ଦଙ୍ଗା, ଆନ୍ଦୋଳନ ଓ ଗ୍ୟାଙ୍ଗୱାର୍ ଭଳି ଜରୁରି ପରିସ୍ଥିତି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଜରୁରୀ ପରିସ୍ଥିତି ମୁକାବିଲା ପାଇଁ ଜେଲ୍‌ରେ ସମସ୍ତ ସରଞ୍ଜାମ ମହଜୁଦ ରହିଛି। ଏଥିସହିତ ଜେଲ୍‌ରେ ହଙ୍ଗର୍ ଷ୍ଟ୍ରାଇକ୍ ଏବଂ ଗହଳିକୁ ନିୟନ୍ତ୍ରଣ କରିବା ନେଇ ମଧ୍ୟ ବ୍ୟବସ୍ଥା ହୋଇଛି। କଏଦୀଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଓ ଲାଇବ୍ରେରୀର ସୁବିଧା କରାଯାଇଛି। ଜେଲ୍‌ରେ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ, ବିଭିନ୍ନ କୁଶଳୀ କାର୍ଯ୍ୟକ୍ରମ ଏବଂ ଦ୍ରବ୍ୟ ଉତ୍ପାଦ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଶ୍ରମିକ କଏଦୀମାନଙ୍କୁ କଠିନ, ମଧ୍ୟମ ଓ ହାଲ୍‌କା ଶ୍ରେଣୀରେ ବିଭାଜନ କରାଯାଇଛି। ପ୍ରତ୍ୟେକ ଜେଲ୍‌ରେ କଏଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଦ୍ରବ୍ୟ ବା ସାମଗ୍ରୀର ବିକ୍ରି ପାଇଁ ସେଲ୍ କାଉଣ୍ଟରର ବ୍ୟବସ୍ଥା ହୋଇଛି। ଜେଲ୍‌ରେ ଜନ୍ମିତ ଶିଶୁମାନଙ୍କ ପାଇଁ ସମସ୍ତ ସୁବିଧା ସହଯୋଗ ଯୋଗାଇ ଦିଆଯିବ। ସେମାନଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ଜେଲ୍ କର୍ତ୍ତୃପକ୍ଷ ଧ୍ୟାନ ଦେବେ। ଏହାସହ ସେମାନଙ୍କ ପାଇଁ ନର୍ସରୀ ସ୍କୁଲର ବ୍ୟବସ୍ଥା ହେବ। ଅନ୍ୟପକ୍ଷରେ ଜେଲ୍ ପରିଦର୍ଶନ ପାଇଁ ଆସୁଥିବା ଅଫିସର ଓ ଅଣଅଫିସରଙ୍କ ପାଇଁ ଗାଇଡ୍‌ଲାଇନ ଜାରି କରାଯାଇଛି। ଜେଲ୍‌ରେ କଏଦୀଙ୍କ ବ୍ୟବହାର ଓ କାର୍ଯ୍ୟପନ୍ଥାକୁ କମ୍ପ୍ୟୁଟର ମାଧ୍ୟମରେ ରେକର୍ଡ କରି ରଖାଯିବା ନେଇ ନିୟମ ହୋଇଛି।

# ଜିଳିଣ୍ଡା ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଧାରଣା




**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ପଶ୍ଚିମାଞ୍ଚଳର ଜିଳିଣ୍ଡା ଡାକ୍ତରଖାନାରେ ଦୀର୍ଘଦିନ ଧରି ସ୍ଥାୟୀ ଡାକ୍ତର ନଥିବା ଯୋଗୁଁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ବୁଧବାର ଜିଳିଣ୍ଡା ଡାକ୍ତରଖାନା ପରିସରରେ ଏକ ଗଣଧାରଣା ଦିଆଯାଇଛି। ଉକ୍ତ ଡାକ୍ତଖାନାରେ ପଶ୍ଚିମାଞ୍ଚଳର କମଳାଡିହ ରେଗେଡା ବସନ୍ତପୁର ଚକାମୁଣ୍ଡା, ଜୁଡୁମୁ , ସରଧାପୁର, ପଞ୍ଚାୟତର ରହିଥିବା ଜନସାଧାରଣ ନିର୍ଭର କରିଥାନ୍ତି। ରେଗେଡା ସରପଞ୍ଚ ସନ୍ତୋଷ କୁମାର ବେହେରା, ନାଏବ ସରପଞ୍ଚ ସସ୍ମିତା ଡାଲୁଆ ଙ୍କ ନେତୃତ୍ୱରେ ଏହି ଗଣଧାରଣା ଆରମ୍ଭ ହୋଇଛି। ଉକ୍ତ ଡାକ୍ତରଖାନା ପାଇଁ ୩ ଜଣ ଡାକ୍ତରଙ୍କର ଆବଶ୍ୟକ ଥିବା ବେଳେ ମାତ୍ର ଜଣେ ଡାକ୍ତର ଠିକ ଭାବେ ସେବା ଯୋଗାଇ ପାରୁନଥିବା ଅଭିଯୋଗ କରିଛନ୍ତି। ରେଗେଡା ପଞ୍ଚାୟତର ୧୫ ଟି ୱାର୍ଡ ସମେତ ବିଭିନ୍ନ ଅଞ୍ଚଳରେ ରହିଥିବା ମୁକ୍ତି ସଂଗଠନ ଦଳୀୟ କର୍ମକର୍ତ୍ତା ପହଞ୍ଚି ଏହାକୁ ସମର୍ଥନ ଜଣାଇଛନ୍ତି। ବିଭିନ୍ନ ୱାର୍ଡର ପ୍ରଭାତ ସାହୁ, ସବିତା ସାହୁ, ମଲିକା ବେହେରା, ଲୀନାରାଣୀ ଡାକୁଆ, ବାସନ୍ତୀ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ରଶ୍ମିତା ପ୍ରଧାନ, ଲକ୍ଷ୍ମୀ ନାୟକ, କୌଶଲ୍ୟା ସାହୁ, ଜିଲ୍ଲା ପରିଷଦ ସଭ୍ୟା ଜାହ୍ନବୀ ପ୍ରଧାନ, ମୁକ୍ତି ସଂଗଠନ ର ସଭାପତି ଶୁଶାନ୍ତ କୁମାର ମହାନ୍ତି, ସମାଜସେବୀ ବିଜୟ କୁମାର ସୁବୁଦ୍ଧି, ପ୍ରମୁଖ ଉପସ୍ଥିତ ରହି ଡାକ୍ତର ପଦବୀ ପୁରଣ ନହେବା ଯାଏ ଏ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଧାରଣା ରତଙ୍କ ନିକଟରେ ନରସିଂହପୁର ତହସିଲଦାର ଆକାଶ ରଞ୍ଜନ ସାହୁ ପହଞ୍ଚି ଧାରଣାକୁ ପ୍ରତ୍ୟାହୃତ କରିବାକୁ ବୁଝାଇଥିଲେ। ଏଥି ସହିତ କାନପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଦେବାଶିଷ ଜେଠି ଙ୍କ ସହତି ଫୋନରେ ଯୋଗ ଯୋଗ କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା ପରେ ଡାକ୍ତର ଶ୍ରି ଜେଠୀ କହିଥିଲେ ଯେ ସ୍ଥାୟୀ ଡାକ୍ତର ଆସିବା ପର୍ଯ୍ୟନ୍ତ ସେ ନିଜେ ସେବା ଯୋଗଇ ଦେବା ପାଇଁ କହିଥିଲେ। ମାତ୍ର ଧାରଣା ଦେଇଥିବା ଗ୍ରାମବାସୀଙ୍କର ଦାବି ଯେ ଯେଉଁ ପର୍ଯ୍ୟନ୍ତ ସ୍ଥୟୀ ଡାକ୍ତର ନଆସିଛନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସରପଞ୍ଚ ଶ୍ରୀ ବେହେରାଙ୍କଠାରୁ ପ୍ରକାଶ।

# ବିବର୍ତ୍ତନର ଅଭିବ୍ୟକ୍ତି

**ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ**

'ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ, ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ- ହେ ପିତା, ମୁଁ ତୁମରି ସନ୍ତାନ, ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ିଯିବ ନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛ କରି 'ଅନ୍ଧକାର' ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ।' ଏହି ଅଭୟବାଣୀ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ବାଇଶ ବର୍ଷ ବୟସରେ ଶ୍ରୀହସ୍ତ ଲିଖିତ ଅମୃତ ନିର୍ଦ୍ଦେଶ ଯାହାକି ସତ୍ୟାନୁସରଣ ପୁସ୍ତକରେ ଲିପିବଦ୍ଧ। ଏହି ଯୁଗମାନବଙ୍କର ଜନ୍ମ ଅବିଭକ୍ତ ଭାରତବର୍ଷ, ଅଧୁନା ବାଙ୍ଗଲାଦେଶର ପାବନା ଜିଲ୍ଲାର ଏକ ନଗଣ୍ୟପଲ୍ଲୀ ହିମାଇତପୁର ଗ୍ରାମରେ ଏକ ସାଧାରଣ ପରିବାରରେ ହୋଇଥିଲା। ତାଙ୍କର ମାତା ଥିଲେ ମନମୋହିନୀ ଦେବୀ ଓ ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ। ମାତୃ ଓ ପିତୃକୁଳ ଉଭୟ କୁଳୀନ ଉଚ୍ଚ ମର୍ଯ୍ୟଦା ସମ୍ପନ୍ନ ଥିଲେ। ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଥିଲେ ହିମାଳୟ ପାଦ ନିବାସୀ କାନ୍ୟକୁବ୍‌ଜ ସାଣ୍ଡିଲ୍ୟ ଗୋତ୍ରୀୟ ବିପ୍ର ବଂଶଜ। ମାତା ମନମୋହିନୀ ଦେବୀ ବାଲ୍ୟ ବୟସରେ ସ୍ୱପ୍ନରେ ଦୀକ୍ଷା ପାଇଥିଲେ ଏବଂ ପୂଜାର୍ଚ୍ଚନାରେ ଅଧିକାଂଶ ସମୟ ଅତିବାହିତ କରୁଥିଲେ। ତ୍ରିସନ୍ଧ୍ୟା ମନ୍ତ୍ର ସାଧନ ଏବଂ ଅଷ୍ଟପ୍ରହର ନାମଜପ ନେଇ ସେ ବିଭୋର ରହୁଥିଲେ। ଗୃହକାର୍ଯ୍ୟ, ରନ୍ଧନ ଓ ପରିବେଷଣ ଏବଂ ପରିଜନଙ୍କର ସେବା ପରିଚର୍ଯ୍ୟା ଆଦି ପ୍ରାତ୍ୟହିକ ପ୍ରତିଟି କର୍ମ ସହିତ ଅନବରତ ତାଙ୍କର ହରିନାମ ଚାଲିଥାଏ। ସେ ଅନ୍ତଃସତ୍ତ୍ୱା ଥିବା ସମୟରେ ଜଣେ ଦୀର୍ଘକାୟ ସୌମ୍ୟକାନ୍ତି ଜଟାଜୁଟଧାରୀ ପ୍ରବୀଣ ସନ୍ନ୍ୟାସୀ ଶିବଚନ୍ଦ୍ରଙ୍କ ଗୃହକୁ ଅତିଥି ଭାବରେ ଆସିଥିଲେ। ସେ ଗଲାବେଳେ ଆଭାସ ଦେଇଗଲେ ଯେ ଏଠାରେ ଏପରି ଜଣେ ଶକ୍ତିମାନ ପୁରୁଷ ଜନ୍ମ ନେବେ, ଯିଏ ନିଜ ଚରିତ୍ର ବଳରେ ବହୁ ଲୋକଙ୍କର ଅଧୀଶ୍ୱର ହେବେ ଓ ଜଗତର ମହାମଙ୍ଗଳ ସାଧନ କରିବେ।

ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ମାତୃଗର୍ଭରୁ ବାର ମାସରେ ଜନ୍ମଗ୍ରହଣ କରିଥିଲେ। ମାତା ମନମୋହିନୀ ଦେବୀଙ୍କର କୌଣସି ପ୍ରସୂତୀ ବେଦନା ହୋଇନଥିଲା। ସୁତିକା ଘରେ ଥିବା ଧାଈ, ନିଜେ ମା ଓ ଆଈ ସମେତ ସମସ୍ତେ ବାଳକ ଅନୁକୂଳଚନ୍ଦ୍ର ଜନ୍ମ ହେବା ସମୟରେ ତନ୍ଦ୍ରାଚ୍ଛନ୍ନ ହୋଇଯାଇଥିଲେ। କିନ୍ତୁ ଅଳ୍ପ ସମୟ ମଧ୍ୟରେ ହିଁ ଅଗ୍ନିଛଟାତୁଲ୍ୟ ଏକ ଅତ୍ୟୁଜ୍ଜଳ ଆଲୋକପାତରେ ସେମାନଙ୍କର ତନ୍ଦ୍ରା କଟିଯାଇଥିଲା। ସମସ୍ତେ ସେତେବେଳେ ପୁଲକିତ ବିସ୍ମୟରେ ଦେଖିବାକୁ ପାଇଲେ ସେମାନଙ୍କର ଅଜ୍ଞାତରେ ଅପୂର୍ବ ଜ୍ୟୋତି ସମ୍ପନ୍ନ ଗୌରକାନ୍ତି ମୁଣ୍ଡିତ ମସ୍ତକ ଏକ ଶିଶୁ ଭୂମିଷ୍ଠ ହୋଇଛନ୍ତି ଏବଂ ତାଙ୍କର ଆଲୋକରେ ଗୃହଟି ଉଦ୍‌ଭାସିତ ହୋଇ ଉଠିଛି। ସେ ଘରେ ଜ୍ୟେଷ୍ଠ ସନ୍ତାନ ଥିଲେ। ତାଙ୍କର ଆବିର୍ଭାବ ହୋଇଥିଲା ୧୮୮୮ ମସିହା ସେପ୍ଟେମ୍ବର ୧୪ ତାରିଖ ସକାଳ ୭ଟା ୨୮ ମିନିଟରେ। ଶିଶୁ ଜନ୍ମ ହେବା ମାତ୍ରେ ସମସ୍ତଙ୍କ ଆଡ଼କୁ ବିସ୍ମୟର ସହିତ ଅନାଇଲେ ଏବଂ କାନ୍ଦିବା ପରିବର୍ତ୍ତେ ମୃଦୁ ମୃଦୁ ହସି ଚତୁର୍ଦ୍ଦିଗକୁ ନିରୀକ୍ଷଣ କରିବାକୁ ଲାଗିଲେ। ଏହି ଭାବେ ଦିନ ଗଡ଼ି ଚାଲିଲା। ନବମ ମାସରେ ଅନ୍ନପ୍ରାସନ୍ନ ସମୟରେ ମାତା ମନମୋହିନୀ ଦେବୀ ଶିଶୁଙ୍କର ନାମ ଅନୁକୂଳ ରଖିଲେ। ଶୈଶବ କାଳରେ ଅନୁକୂଳଚନ୍ଦ୍ରଙ୍କର ପ୍ରାଣଶକ୍ତିର ଅଦ୍ଭୁତ ପ୍ରକାଶ ତାଙ୍କର ପ୍ରତିଟି କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା। ଶିଶୁଙ୍କର ବୟସ କ୍ରମଶଃ ବଢ଼ି ଚାଲିଲା। ତାଙ୍କର ମୁଖର ବାଣୀ ଆଶ୍ଚର୍ଯ୍ୟ ରୂପେ



ସତ ହୋଇଯାଉଥିଲା। ଅନେକ ଅଲୌକିକ ଘଟଣା ଘଟି ଯାଉଥିଲା। ଥରେ ମାତା ମନମୋହିନୀ ଦେବୀ ତାଙ୍କର ମାଆ ଓ ଶିଶୁ ଅନୁକୂଳଚନ୍ଦ୍ରଙ୍କୁ ନେଇ ପଦ୍ମାନଦୀ ଅତିକ୍ରମ କରି ନୌକାରେ ହିମାୟତପୁର ଆସୁଥିଲେ। ଖରସ୍ରୋତା ପଦ୍ମାନଦୀରେ ନୌକା ଚଳାଇବା ଅତ୍ୟନ୍ତ କଠିନ ହୋଇଥାଏ। ତହିଁରେ ପୁଣି ସେ ଦିନ ଦୈବକ୍ରମେ କାଳବୈଶାଖୀର ଝଡ଼ ଉଠିଲା। ପଦ୍ମାନଦୀ ବକ୍ଷରେ ପ୍ରକୃତିର ସେ ତାଣ୍ଡବ ଲୀଳା ଅବର୍ଣ୍ଣନୀୟ। ନାଉରୀଆମାନେ ନିରୁପାୟ ହୋଇ ପ୍ରାଣଭୟରେ ପଦ୍ମାନଦୀ ଜଳକୁ ଡେଇଁ ପଡ଼ିଲେ ଜୀବନ ରକ୍ଷା ପାଇଁ ଏବଂ ଭୀଷଣ ସ୍ରୋତରେ ଭାସିଗଲେ। ନାଉରୀ ବିହୀନ ଡଙ୍ଗାଟି କେଉଁ ମୁହୂର୍ତ୍ତରେ ଯେ ଓଲଟି ଯାଇପାରେ। ଏହି ମହାସଙ୍କଟ କାଳରେ ମାତା ମନମୋହିନୀ ଦେବୀ ଓ ଆଈ କୃଷ୍ଣସୁନ୍ଦରୀ ଦେବୀ ଭଗବାନଙ୍କ ପାଖରେ ଆକୁଳ ପ୍ରାର୍ଥନା ନିବେଦନ କଲେ। ଏହି ସମୟରେ ଶିଶୁ କଣ୍ଠରେ 'ମା' ଶୀଘ୍ର ଓହ୍ଲେଇପଡ଼' - ଏହି ଅର୍ଦ୍ଧସ୍ଫୁଟ ଅସ୍ପଷ୍ଟ କଥା କେତୋଟି ଦୈବବାଣୀ ପରି ମା'ଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ କରିଲା। ଶ୍ରବଣ ମାତ୍ରେ ସେ ଯେପରି ଅକୂଳରେ କୂଳ ପାଇଲେ। ଏହି ଅବସ୍ଥାରେ କୌଣସି ଏକ ଅଜ୍ଞାତ ଐଶୀ ଶକ୍ତିର ପ୍ରେରଣାରେ ବଳୀୟାନ ହୋଇ ସେ ଗୋଟେ ହାତରେ ତାଙ୍କ ମା'ଙ୍କୁ ଓ ଅନ୍ୟ ହାତରେ ଶିଶୁ ଅନୁକୂଳଙ୍କୁ କୋଳରେ ଧରି ତତ୍‌କ୍ଷଣାତ ଝଞ୍ଜା ବିକ୍ଷୁବ୍ଧ ନଦୀ ଗର୍ଭକୁ ଓହ୍ଲାଇ ପଡ଼ିଲେ। ଆଶ୍ଚର୍ଯ୍ୟର ବିଷୟ ଓହ୍ଲାଇବା ମାତ୍ରେ ସେମାନେ ସେଠାରେ ଭୂମିର ସ୍ପର୍ଶ ଅନୁଭବ କରିଲେ। ଏହାପରେ ଯେତେ ସେମାନେ ଅଗ୍ରସର ହେଉଥାନ୍ତି କେଉଁଠାରେ ମଧ୍ୟ ଆଣ୍ଠୁ ଉପରକୁ ପାଣି ନଥିଲା। ଚାଲି ଚାଲି ସେମାନେ ଏକ ଚରଭୂମିରେ ଆସି ପହଞ୍ଚିଲେ। ଇତିମଧ୍ୟରେ ଝଡ଼ କମିଗଲା ଓ ପ୍ରକୃତି ମଧ୍ୟ ଶାନ୍ତ ହେଲା। ସେମାନେ ତାପରେ ଅନ୍ୟ ଏକ ନୌକାରେ ଘରକୁ ଫେରିଲେ।

ସେହିପରି ଚାରିବର୍ଷ ବୟସ ବେଳର ଅନ୍ୟ ଏକ ଘଟଣା। ଜଣେ ପଡ଼ୋଶୀ ତାଙ୍କ ଘରେ ଗୋଟେ ଖୁବ ସୁନ୍ଦର ପୁଷ୍ପ ଉଦ୍ୟାନ ଅତି ଯତ୍ନର ସହ କରିଥିଲେ। ତା ସହିତ ବେଢ଼ା ମଧ୍ୟ ବାନ୍ଧି ଦେଇଥିଲେ। କିନ୍ତୁ ଶିଶୁ ଅନୁକୂଳ କୌଣସି ପ୍ରକାରେ ଉଦ୍ୟାନରେ ପ୍ରବେଶ କରି ସବୁବେଳେ ତାଙ୍କର ସବୁ ଫୁଲଗଛ ଉପାଡ଼ି ଦିଅନ୍ତି। ଏଥିପାଇଁ ପଡ଼ୋଶୀ ହେମେନ୍ଦ୍ରବାବୁ ଖୁବ ଦୁଃଖରେ ଭାଙ୍ଗି ପଡ଼ନ୍ତି। ଥରେ ଶିଶୁ ଅନୁକୂଳଚନ୍ଦ୍ର ହେମେନ୍ଦ୍ରଙ୍କୁ କହିଲେ, ଦେଖ ତୁମ ବଗିଚାର ଗଛ ମୁଁ ନଷ୍ଟ କରି ଦେଉଛି। ଜାଣିରଖ, ଯେତେଥର ତୁମେ ବଗିଚା କରିବ ମୁଁ ସବୁ ନଷ୍ଟଭ୍ରଷ୍ଟ କରିଦେବି, ଛାଡ଼ିବିନି। ତୁମର ଏଠାରେ ଦୁଇଦିନର ବଗିଚା କରି କଣ ହେବ, ଏଠି ତ ତୁମେ ରହିବନି। ଏହା କହି ବାଳକ ଅକାଶ ଆଡ଼କୁ ଆଙ୍ଗୁଳି ଦେଖାଇ ନିର୍ଦ୍ଦେଶ ପୂର୍ବକ କହିଲେ - 'ତୁମ ପାଇଁ ସେଠି ସୁନ୍ଦର ବଗିଚା କରାଯାଇଛି, ସେ ବଗିଚା ଏ ବଗିଚା ଠାରୁ ଅନେକ ସୁନ୍ଦର, 'ଆଶ୍ଚର୍ଯ୍ୟର କଥା, ଏହି କଥାଟି ସତ୍ୟରେ ପରିଣତ ହେଲା। ଅଳ୍ପଦିନ ପରେ ହେମେନ୍ଦ୍ର ବାବୁ କଠିନ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କଲେ। ଏହିପରି ଅନେକ ଆଶ୍ଚର୍ଯ୍ୟଜନକ ଅଦ୍ଭୁତ ଘଟଣା ଅନୁକୂଳଚନ୍ଦ୍ରଙ୍କର ଜୀବନରେ ଘଟି ଯାଇଥିଲା। ବୟସ ଗଡ଼ି ଚାଲିଲା। ବାଇଶବର୍ଷ ବୟସରେ ଜଣେ ଭକ୍ତଙ୍କର ଅନୁରୋଧରେ ଗୋଟିଏ ରାତ୍ରିରେ ନିତିଦିନର ସାହାରା ସତ୍ୟାନୁସରଣ ପୁସ୍ତକଟିକୁ ସ୍ୱହସ୍ତରେ ଲେଖିଦେଲେ। ସେଥିରେ ସେ ଲେଖିଲେ 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶାସ୍ତ୍ର କହେ 'ବ୍ରହ୍ମବିତ୍ ବ୍ରହ୍ମୈବ ଭବତି' ଅର୍ଥାତ୍ ବ୍ରହ୍ମବିତ ଯିଏ ସେ ହିଁ ବ୍ରହ୍ମଙ୍କର ସାକାର ମୂର୍ତ୍ତି, ଏହାକୁ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - 'ମୋର ମନେ ହୁଏ ବ୍ରହ୍ମଜ୍ଞାନମାନେ ପ୍ରଗତିଶୀଳ ବିବର୍ତ୍ତନର ଜ୍ଞାନ। ଏହି ଜ୍ଞାନ ଥିଲେ ମଣିଷ ଯେ କୌଣସି ପରିସ୍ଥିତିରେ ପଡ଼ିଲେ ମଧ୍ୟ ପରିବେଶ ସହ ଉତ୍କର୍ଷ ଆଡ଼କୁ ଆଗେଇ ଯିବାରେ ସକ୍ଷମ ହୁଏ। ବ୍ରହ୍ମଜ୍ଞାନୀ ଯିଏ ସେ ଜାଗତିକ ଓ ଆଧ୍ୟାତ୍ମିକ ଉଭୟ କ୍ଷେତ୍ରରେ ହିଁ ସମଭାବେ ଦକ୍ଷ ଓ ଉନ୍ନତିଶୀଳ ହୁଅନ୍ତି। କିନ୍ତୁ କୌଣସି ଟା ମଧ୍ୟ ତାଙ୍କୁ ବାନ୍ଧି ରଖିପାରେ ନାହିଁ। ଦୁଇଟା ଯାକରେ ସେ ନିର୍ଲିପ୍ତ। ଧ୍ୟାନ ଧାରଣାରେ ତାଙ୍କର ଯେପରି ଆନନ୍ଦ, କୋଦାଳ ଚଳାଇବାରେ ମଧ୍ୟ ସେତିକି ଆନନ୍ଦ। ବ୍ରହ୍ମ ବା ଅପରିବର୍ତ୍ତନୀୟ ସତ୍‌କୁ ଯିଏ ଜାଣିବାକୁ ଚାହେଁ, ତାକୁ ଜଗତ ବା ପରିବର୍ତ୍ତନୀୟ ସତକୁ ଜାଣିବାକୁ ହେବ। ଆଉ ପରିବର୍ତ୍ତନୀୟ ସତ୍‌କୁ ଯିଏ ଜାଣିବାକୁ ଚାହେଁ ତାକୁ ତାହା ଜାଣିବାକୁ ହେବ ଅପରିବର୍ତ୍ତନୀୟ ସତ୍ ବା ବ୍ରହ୍ମର ଆଲୋକରେ, ନ ହେଲେ ଜାଣିବାଟା ପୂର୍ଣ୍ଣ ହେବନି। ଆଉ ସେହି ଯୁଗପୁରୁଷ ହିଁ ହେଲେ ବିବର୍ତ୍ତନର ଘନୀଭୂତ ଓ ପୂର୍ଣ୍ଣତମ ରୂପ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର।

*ବିଭାଗୀୟ ମୁଖ୍ୟ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା*
*ଦୂରଭାଷ : ୯୪୩୮୩୬୯୫୪୯*

# ଚାଚା ନେହେରୁ



**ଅକ୍ଷୟ କୁମାର ରାଉତ**

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର। ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।


"ଆନନ୍ଦ ଭବନ" ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ " ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ" ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡ଼ଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପଞ୍ଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ



ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଞ୍ଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

*ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି*
*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*



# ଚୋରା କରତ କଳ ଉପରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର :** ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଓ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବାଲିପାଟଣା ଥାନା ଅଧିନରେ ଥିବା ଦୁଇଟି ବେଆଇନ କରଳ କଳ ଉପରେ ଚଢ଼ାଉ କରାଯାଇ ଆନୁମାନିକ ୨୬ଲକ୍ଷ ଟଙ୍କା ମୂଲ୍ୟର ମୂଲ୍ୟବାନ କାଠ ଏବଂ ଏହି କାର୍ଯ୍ୟରେ ଜଡିତ ଦୁଇଟି ଟ୍ରାକ୍ଟର ଜବତ କରାଯାଇଛି । ତଥ୍ୟ ଅନୁସାରେ ଅଠାନ୍ତରରୁ ବାଲିପାଟଣା ରାସ୍ତାର ଧାନହରା ଛକରେ ଥିବା ବେଆଇନ କରତ କଳ ଯାହାର ମାଲିକ କେସି ପୃଷ୍ଟି ବୋଲି ଜଣାପଡିଛି ଏବଂ ଅନ୍ୟ ଏକ ବେଆଇନ କରତ କଳ ମଧୁବନରୁ ଝିଣ୍ଟି ରାସ୍ତାର ଡେଙ୍ଗା ଛକରେ ଏହି ମିଳିତ ଛଡ଼ାଉ କରାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଦକ୍ଷ ପୋଲିସ ଅଫିସର ତଥା ଭିଜିଲାନ୍ସର ଆଡିସିନାଲ ଏସପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦଇ ବେଆଇନ କରଳ କଳ ଉପରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ କରାଯାଇଥିବା କରଳ କଳରୁ ଅନେକ ନିୟମ ବହିର୍ଭୁତ ସାମଗ୍ରୀ ଜବତ ସହ ଅଭିଯୁକ୍ତଙ୍କ ନାଁରେ ବାଲିପାଟଣା ଥାନାରେ ୬ଟି ମାମଲା ରୁଜୁ ହୋଇଛି । ଏଠାରୁ ୫୦ କ୍ୟୁବିକଫୁଟ୍ ଚୋରା କାଠ, ଯନ୍ତ୍ରାଂଶ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି । ଘଟଣା ସ୍ଥଳରେ ବେଆଇନ କରତ କଳ ମାଲିକ ଭାବେ କେହି ଉପସ୍ଥିତ ନଥିବାରୁ କାହାକୁ ଗିରଫ କରାଯାଇନାହିଁ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ଗିରଫ ପାଇଁ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଖବର ମିଳିଛି ।



## ଦୁର୍ନୀତି ଓ ଅପରାଧ

# ଜେଲ୍ ଗଲେ କୋଟିପତି କିରାଣି

**ଭୁବନେଶ୍ୱର :** ଅନ୍ୟାୟ ଅନୀତି କରି ଅଧିକ ଅର୍ଥ ଉପାର୍ଜନର ମୋହ କିଭଳି ଜେଲ୍‌ର ରାସ୍ତା ଦେଖାଇଥାଏ ତାହାର ଉଦାହରଣ ସାଜିଛନ୍ତି ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କୋଟିପତି କିରାଣି ଉଦୟନାଥ ଜେନା । ସ୍ତ୍ରୀଙ୍କ ପରାମର୍ଶରେ ସ୍ୱାମୀ ଏଭଳି କରୁଥିବା ଜଣାପଡିଛି । ଦୁର୍ନୀତି ରାସ୍ତାରେ ଯାଇ ଲୋକଙ୍କ ଠାରୁ ଅଧିକ ଲାଞ୍ଚ ଖାଇ ଶେଷରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଶ୍ରୀ ଜେନା ଯେଉଁଥିପାଇଁ ସ୍ତ୍ରୀଙ୍କ ବୋଲ ମାନିବା ସ୍ୱାମୀଙ୍କ ପାଇଁ କାଳ ହୋଇଛି । କୋଟିପତି କିରାଣି ଜେଲ୍ ଯାଇଛନ୍ତି । ଏହା ହେଉଛି ଭିଜିଲାନ୍ସ ଜାଲରେ ଧରାପଡିଥିବା ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କୋଟିପତି କିରାଣି ଉଦୟନାଥଙ୍କ ସମ୍ପତ୍ତି ଠୁଳ କରିବା ଓ ତା କୁପରିଣତିର କାହାଣୀ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି । ଏମିତିକି ସ୍ୱାମୀଙ୍କୁ ଦୁର୍ନୀତି ରାସ୍ତା



ଦେଖାଇଥିବା ଅଭିଯୋଗରେ ଉଦୟନାଥଙ୍କ ସ୍ତ୍ରୀ ରୀନା କୁମାରୀ ଜେନାଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସୁନ୍ଦରପଦା-ଜଟଣୀ ରାସ୍ତାର ଏବରଙ୍ଗ ମୌଜାରେ ୬୬ଲକ୍ଷ ଟଙ୍କାର ଦୁଇ ମହଲା କୋଠା, ପୁରୀରେ ଫ୍ଲାଟ୍, ଏକାଧିକ ଜମି, ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ଜମା, ସୁନା ଅଳଙ୍କାର ସବୁକିଛି ରୀନା କୁମାରୀଙ୍କ ନାମରେ ରହିଛି । ଭିଜିଲାନ୍ସ ତଦନ୍ତରୁ ଉଦୟନାଥଙ୍କର ୧ କୋଟି ୩୦ଲକ୍ଷ ଟଙ୍କାରୁ ଅଧିକ ସମ୍ପତ୍ତି ଠାବ ହୋଇଥିଲା । ତାଙ୍କ ଆୟ ଠାରୁ ପ୍ରାୟ ୨୫୦% ଅଧିକ ସମ୍ପତ୍ତି ଠୁଳ କରିଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି ।

### ଭିଜିଲାନ୍ସ ଆଡସିନାଲ୍ ଏସ୍‌ପିଙ୍କ ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ



ବାଲିପାଟଣାରେ ଦୁଇଟି ଚୋରା କରତ କଳ ହେଉ ବା ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଉଦୟନାଥ ଜେନାଙ୍କୁ ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିବା ହେଉ ସବୁଥିରେ ଭୁବନେଶ୍ୱର ଭିଜିଲାନ୍ସର ଆଡସିନାଲ୍ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ବଳିଷ୍ଠ ଭୂମିକା ହିଁ ସଫଳ ସାବ୍ୟସ୍ତ ହୋଇଛି । ଯେଉଁଥିପାଇଁ ଦୁର୍ନୀତିଖୋର ଏବେ ଛାନିଆ ।


ମୋ ପାଇଁ ମା'-ମାଟି-ଓଡ଼ିଶା ସର୍ବୋପରି

ବନ୍ଦେ ଉତ୍କଳ ଜନନୀ



ପବିତ୍ର କାଳୀପୂଜା ଅବସରରେ

ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରଶାନ୍ତ କୁମାର ପ୍ରଧାନ

ସାମାଜିକ କର୍ମୀ, ପ୍ରତିଷ୍ଠାତା ସଦସ୍ୟ

ଜନଶକ୍ତି ସଂଘ ଓଡ଼ିଶା




# ରାଜ୍ୟରେ ପ୍ରତିଷ୍ଠା ହେବ ୪ ବାଣିଜ୍ୟିକ କୋର୍ଟ



**ଭୁବନେଶ୍ୱର :** ରାଜ୍ୟରେ ୪ ଗୋଟି ବାଣିଜ୍ୟିକ କୋର୍ଟ ପ୍ରତିଷ୍ଠା କରାଯିବ । ବାଣିଜ୍ୟିକ ମାମଲା ଗୁଡିକର ବିଚାର ନିମନ୍ତେ ଏ ଭଳି କୋର୍ଟ ପ୍ରତିଷ୍ଠା କରାଯାଉଛି । ଓଡ଼ିଶା ସିଭିଲକୋର୍ଟ ଅଧିନିୟମ ୧୯୮୪ର ଧାରା ୩ ଏବଂ ଧାରା ୯ର ଉପଧାରା (୧)ର କ୍ଷମତା ପ୍ରୟୋଗକରି ଧାରା ୧୦ ଓ ବାଣିଜ୍ୟିକ କୋର୍ଟ ଅଧିନିୟମ ୨୦୧୫ର ଧାରା ୩ର ପଠନ ସହିତ ଏବଂ ବିଧା ବିଭାଗର ଅଧିସୂଚନା ସଂଖ୍ୟା ୧୨୬୪୦, ବିଧି ତା ୨୬.୧୦.୨୦୧୭ର ଅଧିକ୍ରମଣରେ ରାଜ୍ୟ ସରକାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସୁପାରିସ ଏବଂ ପରାମର୍ଶକ୍ରମେ ଏତଦ୍ୱାରା କଟକ ସଦର, ଭୁବନେଶ୍ୱର, ବ୍ରହ୍ମପୁରରେ ଓ ସମ୍ବଲପୁର ଠାରେ ୪ ଗୋଟି ସିଭିଲ ଜଜ୍ (ସିନିୟର ଡିଭିଜନ) କୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି । ଏହା ବର୍ତ୍ତମାନ ବିଦ୍ୟମାନ ଥିବା ସେହି କୋର୍ଟ ଗୁଡିକ ସହିତ ପ୍ରତିଷ୍ଠିତ ହେବ । ଏହି ବାଣିଜ୍ୟିକ କୋର୍ଟ ଗୁଡିକର ସ୍ଥାନୀୟ ସୀମା ଯଥାକ୍ରମେ କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର ଏବଂ ଖୋର୍ଦ୍ଧା ଓ ଗଞ୍ଜାମ, କନ୍ଧମାଳ, ବୌଦ୍ଧ ଏବଂ ଗଜପତି ଜଜ୍ ସିପ୍ ଗୁଡିକର ଅଧିକାରିତାରେ ସୀମିତ ରହିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଏନେଇ ବିଧି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।


ପବିତ୍ର କାଳୀପୂଜା ଅବସରରେ

ଉଦଳାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ନିରୁପମା ରଣା

ସାମ୍ବାଦିକା ଓ ସମାଜସେବୀ

ଉଦଳା ପ୍ରତିନିଧି, ଏକମାତ୍ର

ଉଦଳା, ମୟୂରଭଞ୍ଜ

ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଅନ୍ତୁ । ଘରେ ଥାଇ ଚିକିତ୍ସକ ଏବଂ ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ପାଇପାରିବେ । ଅନ୍‌ଲାଇନ୍ ଭିଡ଼ିଓ ଦ୍ୱାରା ପରାମର୍ଶ ପାଇଁ ଯୋଗାଯୋଗ ...

CARE HOSPITALS

ଅନ୍‌ଲାଇନ୍ ଭିଡ଼ିଓ ପରାମର୍ଶ

ଘରେ ଥାଇ ଚିକିତ୍ସକ ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ

0674-6165656

ecare.carehospitals.com

Video Consultation I CARE Hospitals

ecare.carehospitals.com



ପବିତ୍ର କାଳୀପୂଜା ଅବସରରେ ବଲାଙ୍ଗିର

ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ବିମଳ କୁମାର ଯୋଶୀ

ସାମ୍ବାଦିକ

ଜିଲ୍ଲା ପ୍ରତିନିଧି, ଏକମାତ୍ର

ବଲାଙ୍ଗିର

ପବିତ୍ର କାଳୀପୂଜା ଅବସରରେ ଭଦ୍ରକ

ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ବିକାଶ କୁମାର ଧଳ

ସାମ୍ବାଦିକ ଓ ସମାଜସେବୀ

ଜିଲ୍ଲା ପ୍ରତିନିଧି, ଏକମାତ୍ର

ଭଦ୍ରକ


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286



PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455



30ft Internal Road

Mouza : Pandiapada

Contact Immediately :

8658607286 / 8917571455

PLOT FOR SALE@BHUBANESWAR

Yellow Zone, 30ft wide Road

Mouza : Dakhina Mundamuhan

(Near CV Raman College)

100ft Proposed BDA Road

Contact Immediately

8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି